
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୧ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 September 2025
Vol.No. 36 ■ No.231 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଆମେରିକାର ଦାଦାଗିରି ବନାମ ତ୍ରିଶକ୍ତି: ଭାରତ, ଚୀନ, ରୁଷର ମିଳିତ ରଣନୀତି



ନୂଆଦିଲ୍ଲୀ,୩୧/୮ : ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଛାଟ ବିଶ୍ୱବଜାରକୁ ଅସ୍ତବ୍ୟସ୍ତ କରିଛି । ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ନିଷ୍ପତ୍ତି ପରେ ସହଯୋଗୀ ରାଷ୍ଟ୍ର ମାନେ ସାଥ୍ ଛାଡ଼ିବା ଆରମ୍ଭ କରିଛନ୍ତି। ଏସବୁ ଭିତରେ ଚୀନର ତିନଜିଆନ ସହରରେ ଅନୁଷ୍ଠିତ ୨୫ତମ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଏକାଠି ହୋଇଛନ୍ତି ବିଶ୍ୱର ଶୀର୍ଷ ନେତୃତ୍ୱ। ଆମେରିକାର ଦାଦାଗିରି ଭିତରେ ଗୋଟିଏ ମଞ୍ଚରେ ନଜର ଆସିଛନ୍ତି ଏସିଆ ମହାଦେଶର ତିନି ମହାଶକ୍ତି ରୁଷ, ଚୀନ ଏବଂ ଭାରତ ସମେତ ଅନ୍ୟ ରାଷ୍ଟ୍ର। ବନ୍ଧୁ କହି ଟାରିଫ୍ ଲଗାଇବା ଭଳି ଟ୍ରମ୍ପଙ୍କ ଦୋମୁହାଁ ନୀତିକୁ ଭାରତ ଗମ୍ଭୀରତାର ସହ ଗ୍ରହଣ କରିଛି। ଭାରତ ସହ ସ୍ୱର ମିଶାଇ ସମର୍ଥନରେ ବାହାରିଛନ୍ତି ଚୀନ ଓ ରୁଷ ରାଷ୍ଟ୍ରମୁଖ୍ୟ। ଏସ୍‌ସିଓ ମଞ୍ଚରୁ ଏହି ୩ ରାଷ୍ଟ୍ର ଟାରିଫ ବିରୋଧରେ ବଡ ରଣନୀତି ପ୍ରସ୍ତୁତ କରିବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସାକ୍ଷାତ ବେଶ ଗୁରୁତ୍ୱ ବହନ କରୁଛି । ଦୁଇ ନେତା ପ୍ରାୟ ୧ ଘଣ୍ଟା ଧରି ଦ୍ୱିପାକ୍ଷିକ ଆଲୋଚନା କରିଥିବା ବେଳେ ଏଥିରେ ବହୁ ପ୍ରସଙ୍ଗ ସ୍ଥାନ ପାଇଛି। ୨୮୦ କୋଟି ଲୋକଙ୍କ ପାଇଁ ଡ୍ରାଗନ୍ ଏବଂ ହାତୀ ଏକାଠି ହେବାକୁ ଜିନପିଙ୍ଗ୍ ଆହ୍ୱାନ ଦେଇଥିବା ବେଳେ ବିଶ୍ୱାସର ସହ ଆଗକୁ ବଢ଼ିବାକୁ ମୋଦୀ ଜଣାଇଛନ୍ତି ସହମତି । ଦୁଇ ଦିନ ଧରି ଚାଲିବାକୁ ଥିବା ଏସସିଓ ସମ୍ମିଳନୀରେ ଯୋଗଦେଇଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ୍। ଆସନ୍ତାକାଲି ମୋଦୀ-ପୁଟିନ ସାକ୍ଷାତର କାର୍ଯ୍ୟକ୍ରମ ରହିଛି। ସେପଟେ ଏସ୍‌ସିଓ ସମ୍ମିଳନୀ ଆଳରେ ତ୍ରିଶକ୍ତିଙ୍କ ମେଳି ପରେ ଟ୍ରମ୍ପ ପ୍ରଶାସନର ଟେନସନ୍ ବଢ଼ିଯାଇଛି।

## ପୁରୁଷ ହକି ଏସିଆ କପ: ରୋମାଞ୍ଚକର ମ୍ୟାଚ୍‌ରେ ଜାପାନକୁ ୩-୨ ଗୋଲ୍‌ରେ ପରାସ୍ତ କଲା ଟିମ୍ ଇଣ୍ଡିଆ



ନୂଆଦିଲ୍ଲୀ,୩୧/୮ : ପୁରୁଷ ହକି ଏସିଆ କପ୍-୨୦୨୫ରେ ବିଜୟ ଧାରା ଜାରି ରଖିଛି ଭାରତ । ଲଗାତାର ଦ୍ୱିତୀୟ ବିଜୟ ପରେ ଏବେ ଟପ୍-୪ ସ୍ଥାନ ପକ୍କା କରିଛି ଭାରତୀୟ ପୁରୁଷ ହକି ଟିମ୍ । ଶକ୍ତିଶାଳୀ ଜାପାନକୁ ୩-୨ ଗୋଲରେ ମାତ୍ ଦେଇ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ । ତେବେ ଗତକାଲି ଅଧିନାୟକ ହର୍ମନପ୍ରୀତ୍ ସିଂହଙ୍କ ହ୍ୟାଟ୍ରିକ୍ ସହ ଯୁଗରାଜ ସିଂହଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍ ବଳରେ ଭାରତ ପ୍ରଥମ ମୁକାବିଲାରେ ଚୀନକୁ ୪-୩ ଗୋଲ୍‌ରେ ପରାସ୍ତ କରି ଆତ୍ମବିଶ୍ୱାସର ସହ ଅଭିଯାନ ଆରମ୍ଭ କରିଥିଲା । ଏହି ୮ ଦଳୀୟ ପ୍ରତିଯୋଗିତାରେ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଦଳ ଭାବେ ଖେଳୁଥିବା ଆୟୋଜକ ଭାରତ ଆରମ୍ଭରୁ ଆକ୍ରମଣ କରିଥିଲା । ହେଲେ ଚୀନର ସଜାଗ ରକ୍ଷଣ ଭାଗ ପାଇଁ ଗୋଲ୍ କରିପାରି ନଥିଲା । ବରଂ ଚୀନ ପାଲଟା ଆକ୍ରମଣ କରି ଦ୍ୱାଦଶ ମିନିଟ୍‌ରେ ସଫଳ ହୋଇଥିଲା । ପ୍ରଥମ କ୍ୱାର୍ଟର୍ ଚୀନ ସପକ୍ଷରେ ଯିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଭାରତ ଆଗୁଆ ହୋଇଥିଲା । ତୃତୀୟ କ୍ୱାର୍ଟରରେ ପୁଣି ଭାରତ ଗୋଟିଏ ଏବଂ ଚୀନ ଦୁଇଟି ଗୋଲ୍ ଦେବାରୁ ସ୍ଥିତି ୩-୩ରେ ହୋଇଥିଲା । ନିର୍ଣ୍ଣାୟକ ଚତୁର୍ଥ କ୍ୱାର୍ଟରରେ କିନ୍ତୁ ଘରୋଇ ଦଳ ବାଜି ମାରି ନେଇଥିଲା ।

## କଂଗ୍ରେସ ଦଳକୁ ଶିଶୁପାଳ ସହ ତୁଳନା କଲେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୩୧/୮ : ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ରାହୁଲ ଗାନ୍ଧୀଙ୍କ କଂଗ୍ରେସ ଦଳକୁ ମହାଭାରତ ଚରିତ୍ର ଶିଶୁପାଳଙ୍କ ସହ ତୁଳନା କରିଛନ୍ତି। ଆଗାମୀ ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସକୁ ପରାସ୍ତ କରିବା ପାଇଁ ସେ 'ନିର୍ବାଚନ କମିଶନ ବଟନ୍‌କୁ ସୁଦର୍ଶନ ଚକ୍ର ଭାବରେ' ବ୍ୟବହାର କରିବାକୁ ଭୋଟରମାନଙ୍କୁ ଆହ୍ୱାନ କରିଛନ୍ତି। ବାସ୍ତବରେ ଏକ ଟିଭି ଶୋରେ ମୋହନ ଯାଦବ ଭାଗଲପୁରରେ ହୋଇଥିବା ସାମ୍ପ୍ରତିକ ଘଟଣାର ନିନ୍ଦା କରିଛନ୍ତି ଯେଉଁଠାରେ କିଛି କଂଗ୍ରେସ ସମର୍ଥକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିବଂଗତ ମା'ଙ୍କ ବିରୁଦ୍ଧରେ ଅପମାନଜନକ ସ୍ଲୋଗାନ ଦେଇଥିଲେ। ମୋହନ ଯାଦବ କହିଛନ୍ତି, 'ମୋଦିଜୀଙ୍କ ମା'ଙ୍କ ଦେହାନ୍ତ ହୋଇଛି, ଯଦି କେହି ତାଙ୍କୁ ଦୁର୍ବ୍ୟବହାର କରନ୍ତି, ତେବେ ଏହାକୁ ମାନସିକ ଦେବାଳିଆ ବୋଲି କୁହାଯିବ। ମୁଁ କଠୋର ଶବ୍ଦରେ ନିନ୍ଦା କରୁଛି, ତାଙ୍କୁ କ୍ଷମା ମାଗିବା ଉଚିତ।'

▶▶ପୃଷ୍ଠା ୭

## ୭ ଏନଏସିକୁ ମିଳିଲା ମ୍ୟୁନିସିପାଲିଟି ଟ୍ୟାଗ୍: ଘୋଷଣା ହେଲା ଆଉ ୧୬ ନୂଆ ଏନଏସି ନାଁ



ଭୁବନେଶ୍ୱର, ୩୧/୮ (ନି.ପ୍ର): ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ମଞ୍ଚରୁ ବଡ଼ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଘୋଷଣା ହୋଇଛି ୧୬ ନୂଆ ଏନଏସି ଓ ୭ ନୂଆ ମ୍ୟୁନିସିପାଲଟିର ନାଁ। ବଲାଙ୍ଗୀର ଜିଲ୍ଲାର ଲୋଇସିଂହା ସହିତ ବରଗଡ଼ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡ଼ମ୍ବା, ନରସିଂହପୁର ଏବଂ ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁଦିଆ, ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ଏବଂ ପାତ୍ରପୁର, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଏବଂ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାରୁ ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା, ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରକୁ ନୂଆ ଏନଏସି ଭାବେ ଘୋଷଣା କରାଯାଇଛି। ସେହିପରି ବର୍ତ୍ତମାନ ଏନଏସି ଥିବା ମୟୂରଭଞ୍ଜର କରଞ୍ଜିଆ ଏବଂ ବୌଦ୍ଧ ଜିଲ୍ଲାର ବୌଦ୍ଧକୁ ମ୍ୟୁନିସିପାଲଟିର ମାନ୍ୟତା ଦିଆଯାଇଥିଲା ବେଳେ କେବଳ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୫ଟି ଏନଏସିକୁ ମ୍ୟୁନିସିପାଲଟିର ଟ୍ୟାଗ୍ ମିଳିଛି। ସେସବୁ ହେଲା ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର ଓ ପୋଲସରା। ଏଇ ଘୋଷଣା ସହ ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ ସହରାଞ୍ଚଳର ବିକାଶ ପାଇଁ ଆସନ୍ତା ୫ ବର୍ଷରେ ସରକାର ୬ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଗତ ରାଜ୍ୟସ୍ତରୀୟ

▶▶ପୃଷ୍ଠା ୭

## ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅସୁସ୍ଥ: ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର, ୩୧/୮ (ନି.ପ୍ର): ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅସୁସ୍ଥ । କଟକ ସିଡିଓସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଅନେକ ଦିନରୁ ଲିଭର୍ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ ହେଁ ନିଜର ଦୈନନ୍ଦିନ କାର୍ଯ୍ୟକୁ ସଠିକ୍ ରୂପେ କରୁଥିଲେ। ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଗଣେଶ ପୂଜା ଏବଂ ଦଶହରାରେ କାର୍ଯ୍ୟକ୍ରମ ପାଇଁ ବେଶ୍ ଉତ୍ସାହିତ ଥିଲେ । ଗତ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ତଥା ଆତ୍ମୀୟ ମାନେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଦୀର୍ଘ ଚାରି ଦିନ ସେଠାରେ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଅନ୍ୟ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ଏ ଖବର ପ୍ରଘଟ ହେବା ପରେ ସଙ୍ଗୀତ ଜଗତରେ ଏକ ଦୁଃଖର ବାଦଲ ଖେଳିଯାଇଛି । ଯାହା ସୂଚନା ମିଳିଛି ଦାଦାଙ୍କ ର ଶରୀରରେ ପୋଟାସିୟମ କମି ଯିବାରୁ ଏଭଳି ଗୁରୁତର ହୋଇଛନ୍ତି ।

## ଖଣି ମାଲିକ ରଞ୍ଜନ ଦାଶଙ୍କ ଠିକଣାରେ ଇଡି ରେଡ: ଜବତ ହେଲା ପୋର୍ସେ ସମେତ ୧୦ ଦାମୀ କାର ଓ ୩ ସୁପର ବାଇକ୍




ଭୁବନେଶ୍ୱର, ୩୧/୮ (ନି.ପ୍ର): ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡିର ରେଡ। ଖଣି ମାଲିକ ରଞ୍ଜନ ଦେଶଙ୍କ ଘର ସମେତ ଅଫିସ ଠିକଣାରେ ଇଡି ପକ୍ଷରୁ ଶନିବାର ଠାରୁ ଚଢ଼ଉ ଜାରି ରହିଛି। ଏହି ସମୟରେ ପୁଳାପୁଳା ଟଙ୍କା ସହ ୧୦ଟି ବିଳାସପୂର୍ଣ୍ଣ କାର ଓ ୩ଟି ସୁପର ବାଇକ୍ ଜବତ ହୋଇଛି । ୧୦ ଦାମୀ ଗାଡ଼ି ମଧ୍ୟରେ ଅତ୍ୟାଧୁନିକ ପୋର୍ସେ ଓ ବିଏମଡବ୍ଲ୍ୟୁ ମଧ୍ୟ ରହିଛି। ଏହାବାଦ କୋଟିଏ ଟଙ୍କାର ସୁନା ଗହଣା ସହ ଇଡି ଅଧିକାରୀମାନେ ବ୍ୟାଙ୍କ ଲକର ମଧ୍ୟ ସିଜ କରିଛନ୍ତି । ଦେଶର ଅନ୍ୟତମ ବଡ଼ ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା। ଏହି ମାମଲାର ଯାଞ୍ଚ ବେଳେ ଶ୍ରୀ ଦାଶଙ୍କ ମାଲିକାନାରେ ଥିବା ଅନମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ ଓ ଏମ/ଏସ ଅନମୋଲ ରିସୋର୍ସେସ ପ୍ରାଇଭେଟ ଲିମିଟେଡର ବିଭିନ୍ନ ଠକଣାରେ ରେଡ ହୋଇଛି। ଶନିବାର ଠାରୁ ଭୁବନେଶ୍ୱର ନୟାପଲ୍ଲୀରେ ଥିବା ଖଣି ମାଲିକ ଶକ୍ତି ରଞ୍ଜନ ଦାଶଙ୍କ ଘର ଆରମ୍ଭ ହୋଇଥିବା ରେଡ ବେଳେ ଆଖି ଲାଖି ଯିବା ଭଳି ସମ୍ପତ୍ତି ମିଳିଛି। ବେଆଇନ୍ ଆର୍ଥିକ କାରବାର ଓ ଋଣ ଜାଲିଆତି ନେଇ ହିମାଞ୍ଚଳ ପ୍ରଦେଶ ପୁଲିସ ନିକଟରେ ପ୍ରଥମେ ଗୋଟିଏ ମାମଲା ରୁଜୁ ହୋଇଥିଲା। ଏହାପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଶିମଲା ସ୍ଥିତ ଜୋନାଲ ଅଫିସ ମନି ଲଣ୍ଡରିଂ ମାମଲା ରୁଜୁ କରି ରେଡ କରିଛି। ତଦନ୍ତରୁ ଜଣାପଡିଛି ଇଣ୍ଡିଆନ୍ ଟେକ୍ନୋମ୍ୟାକ୍ କମ୍ପାନୀ ଲିମିଟେଡ ନାମକ ହିମାଞ୍ଚଳ ପ୍ରଦେଶର ଗୋଟିଏ କମ୍ପାନୀ ଜାଲ କାଗଜପତ୍ର ମାଧ୍ୟମରେ ବିଭିନ୍ନ ବ୍ୟାଙ୍କରୁ ୧୩୯୬ କୋଟି ଟଙ୍କାର ଋଣ କରିଥିଲା। ଏହି ଋଣ ଟଙ୍କାରୁ ୫୯.୮୦ କୋଟି ଟଙ୍କା ଶକ୍ତି ରଞ୍ଜନ ଦାଶଙ୍କ କମ୍ପାନୀ ଆକାଉଣ୍ଟକୁ ଆସିଥିଲା। ଏଥିପାଇଁ ଇଡି ପକ୍ଷରୁ ଅନମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ ଓ ଏମ/ଏସ ଅନମୋଲ ରିସୋର୍ସେସ ପ୍ରାଇଭେଟ ଲିମିଟେଡ ସହ ଶ୍ରୀ ଦାଶଙ୍କ ଘରେ ରେଡ କରାଯାଇଛି। ରେଡ ବେଳେ ଇଡି ପକ୍ଷରୁ ୧୦ଟି ଦାମୀ କାର ଓ ୩ଟି ସୁପର ବାଇକ ଜବତ ହୋଇଛି। ଏହି ଗାଡ଼ିଗୁଡ଼ିକର ମୂଲ୍ୟ ପ୍ରାୟ ୭ କୋଟି ଟଙ୍କା ହେବ। ଏହା ମଧ୍ୟରେ ଗୋଟିଏ ପୋର୍ସେ କାୟେନ୍ନେ, ମର୍ସିଡିଜ ବେଞ୍ଜ ଜିଏଲସି, ବିଏମଡବ୍ଲ୍ୟୁ ଏକ୍ସ ୭, ଅଡି ଏ୩, ମିନି କୁପର ଓ ଗୋଟିଏ ହୁଣ୍ଡା ଗୋଲ୍ଡ ଓ୍ୱିଙ୍ଗ ମୋଟରସାଇକେଲ ରହିଛି। ଏହାବାଦ ଇଡିର ଅଧିକାରୀମାନେ ଶ୍ରୀ ଦାଶଙ୍କ ଠିକଣାରୁ ୧.୧୨ କୋଟିର ସୁନା ଅଳଙ୍କାର, ନଗଦ ୧୩ ଲକ୍ଷ ଟଙ୍କା ଓ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ସେହିପରି ଶ୍ରୀ ଦାଶଙ୍କ ୨ଟି ବ୍ୟାଙ୍କ ଲକରକୁ ମଧ୍ୟ ଫ୍ରିଜ କରାଯାଇଛି। ବାସ୍ତବରେ ରେଡ ଦୁଇଟି ଠିକଣାରେ ହୋଇଛି। ଶ୍ରୀ ଦାଶଙ୍କ ନୟାପଲ୍ଲୀ ଘର ସମେତ ତାଙ୍କ କମ୍ପାନୀ ଅନମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ ଓ ଏମ/ଏସ ଅନମୋଲ ରିସୋର୍ସେସ ପ୍ରାଇଭେଟ ଲିମିଟେଡର ଅଫିସରେ ଚଢ଼ଉ କରାଯାଇଛି। ଇଡିର କହିବା କଥା, ଇଣ୍ଡିଆନ୍ ଟେକ୍ନୋମ୍ୟାକ୍ କମ୍ପାନୀ ଲିମିଟେଡ ୨୦୦୯ରୁ ୨୦୧୩ ମଧ୍ୟରେ ବ୍ୟାଙ୍କ ଅଫ ଇଣ୍ଡିଆ ନେତୃତ୍ୱାଧୀନ ଗୋଟିଏ ଅନୁବନ୍ଧିତ ବ୍ୟାଙ୍କ ଠାରୁ ଜାଲକାଗଜ ପତ୍ର ଜରିଆରେ ୧୩୯୬ କୋଟି ଋଣ ନେଇଥିଲା। ଯେଉଁ ପ୍ରକଳ୍ପ ନାଁରେ ଏହି ଋଣ ନିଆଯାଇଥିଲା, ସେ କାମ କେବେ ବି କରାଯାଇ ନଥିଲା।

▶▶ପୃଷ୍ଠା ୭

## ଓଡ଼ିଶାର ରଶ୍ମିତା ସାହୁଙ୍କ ସହ କଥା ହେଲେ ମୋଦି



ଭୁବନେଶ୍ୱର, ୩୧/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ସ୍ଥାନ ପାଇଲେ ଜାତୀୟ କାନୋଇଂ ଖେଳାଳି ରଶ୍ମିତା ସାହୁ। ଜାତୀୟ କାନୋଇଂ ଖେଳାଳି ରଶ୍ମିତା ସାହୁଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭବିଷ୍ୟତ ପାଇଁ ମଙ୍ଗଳ କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ଖେଳରେ ଦେଶରେ ନାଁ ଉଜ୍ଜ୍ୱଳ କରିଥିବାରୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ। ଖେଲୋ ଇଣ୍ଡିଆ ଓ୍ୱାଟର ସ୍ପୋର୍ଟସରେ ଭାଗ ନେଇ ଥିଲେ ରଶ୍ମିତା। କଟକ ଯୋବ୍ରା ସ୍ଥିତ ମହାନଦୀରେ ନୌକା ଚାଳନା ଏବଂ ସନ୍ତରଣ ପାଇଁ ଅଭ୍ୟାସ କରୁଥିଲେ ରଶ୍ମିତା।

▶▶ପୃଷ୍ଠା ୭

## ବଢ଼ିଲା ଟିଏମସି ସାଂସଦ ମହୁଆ ମୈତ୍ରାଙ୍କ ଅଡୁଆ



ନୂଆଦିଲ୍ଲୀ,୩୧/୮ : ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସି ସାଂସଦ ମହୁଆ ମୈତ୍ରାଙ୍କ ଅଡୁଆ ବଢ଼ିଛି। କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ସମ୍ପର୍କରେ ସେ ଦେଇଥିବା ବିବାଦୀୟ ବୟାନ ପାଇଁ ତାଙ୍କ ନାଁରେ ରୁଜୁ ହୋଇଛି ମାମଲା। ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଛତିଶଗଡ଼ ପୁଲିସ୍ ବିଧିବଦ୍ଧ ଭାବେ ମହୁଆଙ୍କ ନାଁରେ ମାମଲା କରିଛି। ରାୟପୁରରେ ଥିବା ମାନା କ୍ୟାମ୍ପ ପୁଲିସ୍ ନିକଟରେ ସ୍ଥାନୀୟ ଅଞ୍ଚଳର ଗୋପାଳ ସାମାନ୍ତୋ ପ୍ରଥମେ ମହୁଆଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମହୁଆ ଦେଇଥିବା ବୟାନ ଗଣତାନ୍ତ୍ରିକ ପ୍ରତିଷ୍ଠାନ ପ୍ରତି ଅପମାନ। ସେ ମୁଣ୍ଡ କାଟ ଭଳି ବୟାନ ଦେଇ ଘୃଣା ସୃଷ୍ଟି କରିଛନ୍ତି ଓ ଏହା ଜାତୀୟ ଏକତା ପ୍ରତି ବିପଦ ବୋଲି ନିଜ ଅଭିଯୋଗରେ କହିଥିଲେ। ଏଥିପାଇଁ ମାନା କ୍ୟାମ୍ପ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମହୁଆ ବିବାଦୀୟ ବୟାନ ଦେଇଥିଲେ। ବେଆଇନ ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଫଳ ହୋଇଥିବାରୁ ତାଙ୍କ ମୁଣ୍ଡ କଟା ଯିବା ଦରକାର ବୋଲି ମହୁଆ କହିଥିଲେ। ନଦିଆରେ ଆୟୋଜନ କାର୍ଯ୍ୟକ୍ରମରେ ମହୁଆ କହିଥିଲେ ଯେ ସୀମା ସୁରକ୍ଷା ଦାୟିତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଓ ଅମିତ ଶାହ ଏହାକୁ ଅସ୍ୱୀକାର କରିପାରିବେ ନାହିଁ। ଅନୁପ୍ରବେଶ ପାଇଁ ଟିଏମସିକୁ ଦାୟୀ କରିବା ଭୁଲ ବୋଲି ମହୁଆ ମତ ରଖିଥିଲେ।

▶▶ପୃଷ୍ଠା ୭

# ଜୟପୁର ଟାଉନ ପୁଲିସ ପକ୍ଷରୁ ବିଭିନ୍ନ ଜଘନ୍ୟ ମାମଲାରେ ୧୪ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

ଜୟପୁର, ୩୧/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ଦୁଇ ଦିନ ମଧ୍ୟରେ ଏକ ବଡ ଧରଣର ସଫଳତା ମିଳିଛି । ଡକାୟତି ଉଦ୍ୟମ, ଲୁଟ, ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ଚାରୋଟି ମାମଲାରେ ୧୪ଜଣ ସହରର ଦୁର୍ଦ୍ଧାନ୍ତ ଅପରାଧିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଡକାୟତି ନିମନ୍ତେ ପ୍ରସ୍ତୁତି ହେଉଥିବା ମାମଲାରେ ଗିରଫ ୬ ଅଭିଯୁକ୍ତ ଗୋପବନ୍ଧୁ ନଗର ଶିବ ସୁନା (୨୮), ମେଦ୍ରୀ ସାହିର ସୁନିଲ ପରଜା ଓରଫ ଲାଲୁ (୨୧) ଓ ହରି ନାୟକ (୨୨), ଜୟନଗରର ସୁରେଶ ହରିଜନ (୨୫), ପ୍ରସାଦରାଓ ପେଟା ୪ର୍ଥ ଲାଇନର ଟି.ମଣିକଣ୍ଠା (୨୬) ଏବଂ ଯମୁନାଗୁଡାର କାର୍ତିକ ଖୁଦ (୨୬)। ସେହିପରି ଜୋରଜବରଦସ୍ତ ଦାଦାବଟି ଆଦାୟ ମାମଲାରେ ୪ ଗିରଫ ଅଭିଯୁକ୍ତ ମାନେ ହେଲେ ବାପୁଜୀ ନଗରର ବିଜୟ ନାୟକ (୧୮), ଏଲଆଇସି କୋଲନୀର ଶୁଭମ ବିଶୋୟୀ (୨୨), ନୂଆଗୁଡାର ରାଜ କୁମାର କାକଡି (୨୩), ଛୋଟାଗୁଡାର ଇଶ୍ୱର ଛେଟିଆ (୨୮)। ଚାଷୀଙ୍କ ୧ ଲକ୍ଷ ଟଙ୍କା ଲୁଟ କରିଥିବା ମାମଲାରେ ୨ ଅଭିଯୁକ୍ତ ବାପୁଜୀ ନଗରର ରାମନାଥ ସୁନା(୨୭) ଓରଫ ନକରା ଏବଂ ଗୋପବନ୍ଧୁ ନଗରର ରାଜୀବ ଖିଲ (୨୪)। ସେହିପରି ବାଇକ ଚାଳକଙ୍କୁ ଅଟକାଇ ୨୦ ହଜାର ଟଙ୍କା ଏବଂ ମୋବାଇଲ ଫୋନ ଲୁଟ ମାମଲାରେ ଦୁଇ ଅଭିଯୁକ୍ତ ଜୟପୁର ସଦରଥାନା କଳାଗୁଡାର ଶଙ୍କର ଗରଡା (୧୯) ଏବଂ ରୋହିତ ହିଆଲ (୧୯)ଙ୍କୁ ଗିରଫ କରାଯାଇଛି । ସମସ୍ତ ୧୪ ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଡକାୟତି ପ୍ରସ୍ତୁତି ମାମଲାରେ ଅଭିଯୁକ୍ତ ମାନଙ୍କ ନିକଟରୁ ୪ଟି ଛୁରା, ଖଣ୍ଡା, ଲୁହା ଛଡ, ଟର୍ଚ୍ଚ, ମରିଚ ଗୁଣ୍ଡ, ୩ଟି ବାଇକ ଜବତ କରାଯାଇଛି। ସେହିପରି ୨ୟ ଘଟଣାରେ ଦାଦାବଟି ଆଦାୟ କରୁଥିବା ଅଭିଯୁକ୍ତ ମାନଙ୍କ ନିକଟରୁ ପରିବା କଟ ଛୁରା ଏବଂ ୫ଶହ ଟଙ୍କା ଜବତ କରାଯାଇଛି । ଗତ ଜୁଲାଇ ୩ ତାରିଖରେ ହାଡିଆ ଗ୍ରାମର ଚାଷୀ କମଳଲୋଚନ ଭତ୍ରାଙ୍କ ଠାରୁ ଲକ୍ଷ ଟଙ୍କା ଲୁଟ ମାମଲାରେ ଅଭିଯୁକ୍ତ ନିକଟରୁ ଗୋଟିଏ ସ୍କୁଟି (ଓଡି୨୪-ଏ-୩୮୪୦) ଏବଂ ଲୁଟ ଟଙ୍କା ମଧ୍ୟରୁ ୨୦ ହଜାର ଟଙ୍କା ଜବତ କରାଯାଇଛି । ସେହିପରି ଯମୁନାଗୁଡା କେନାଲ ରାସ୍ତାରେ ଗତ ଜୁଲାଇ ୨୩ ତାରିଖ ସଂଧ୍ୟା ସାଢେ ୮ ସମୟରେ ସ୍ଥାନୀୟ ପୁରୁଣାଗଡର ବାସିନ୍ଦା ମୋହିତ କୁମାର ପାତ୍ର ନିଜ ବାଇକ ଯୋଗେ ଜୟପୁର ନିଜ ଘରକୁ ଫେରୁଥିବା ବେଳେ ଲୁଟର ଶିକାର ହୋଇଥିଲେ । ଏହି ମାମଲାରେ ଗରିଫ ଦୁଇ ଅଭିଯୁକ୍ତଙ୍କ ନିକଟରୁ ୫ ହଜାର ଟଙ୍କା ଏବଂ ଲୁଟ ମୋବାଇଲ ଜବତ କରାଯାଇଛି ବୋଲି ଜୟପୁର ଟାଉନଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ପୁଲିସ ବିଭାଗର ଅତିରିକ୍ତ ଏସ.ପି ଅମ୍ବିତ ମହାନ୍ତି, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପୁଲିସର ସଫଳତା ନେଇ ସୂଚନା ଦେଇଛନ୍ତି । ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜି କନଓ୍ୱର ବିଶାଲ ସିଂ ଏବଂ ଏସ.ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଏକ ବଡ ଧରଣର ଅପରେସନ ଆରମ୍ଭ କରାଯାଇ ଅପରାଧି, ଲୁଟେରା, ଚୋର ଓ ଡକାୟତ ମାନଙ୍କୁ କାବୁ କରାଯାଉଛି । ଏହିପରି ଆଗାମୀ ଦଶହରା ପର୍ଯ୍ୟନ୍ତ ଏହିପରି ସହରର ଅପରାଧି ମାନଙ୍କୁ ଗିରଫ କରଯାଇ କୋର୍ଟ ଚାଲାଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସ୍ୱଷ୍ଟ କରାଯାଇଛି ।

# ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉତ୍ସବ: ଶିକ୍ଷାନୁଷ୍ଠାନ ମାନବ ଜାତିକୁ ସଂସ୍କାରିତର ପାଇଁ ବାଟ ଦେଖାଏ

ଧର୍ମଶାଳା, ୩୧/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରବା ଅବସରରେ ଶିକ୍ଷା ମାନବ ଜାତିକୁ ସଂସ୍କାରିତ କରିବା ସହ ଆଲୋକ ପଥରେ ଅଗ୍ରସର କରିଥାଏ। ଧର୍ମଶାଳା ମହାବିଦ୍ୟାଳୟ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏ ଅଂଚଳକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲ ଶିଶୁ ସାହିତ୍ୟ ପୁରସ୍କାର ବିଜେତା ତଥା ଆଦର୍ଶ ଶିକ୍ଷକ ଡକ୍ଟର ରାଜକିଶୋର ପାଢ଼ୀ ଯୋଗଦେଇ କଲେଜର ପ୍ରତିଷ୍ଠାତାମାନଙ୍କୁ ମନେପକାଇବା ସହ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟ ହେଉଛି ଏକ ବତୀଘର ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ମୁଖପତ୍ର 'କସ୍ତୁରୀ'କୁ ଅତିଥିମାନେ ଉନ୍ମୋଚନ କରିବା ସହ ମହାବିଦ୍ୟାଳୟ ସହ ସମ୍ପୃକ୍ତ ଦିବଙ୍ଗତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତିଙ୍କ ସଂଯୋଜନାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ପୀତବାସ କର ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତଗାନ କରାଯାଇଥିଲା। ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଲିନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ପ୍ରତିଷ୍ଠାତା ସଭ୍ୟମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ପାଳିତ

କେନ୍ଦ୍ରାପଡ଼ା, ୩୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ କଷଣଅ। ଠାରେ କେନ୍ଦ୍ରାପଡ଼ା ଶାଖାର ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଷୋଡ଼ଶ ବାର୍ଷିକ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଯାଇଛି। ସଂସ୍କୃତ ତତ୍ତ୍ୱଜ୍ଞ, ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡ. ବିବପିନ ବିହାରୀ ଶତପଥୀ ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍ଘାଟନ କରିଥିଲେ। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ସାଧାରଣ ସଂପାଦକ ପଣ୍ଡିତ ଡ .କୁମାର ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା, ରାଜ୍ୟପାଳ ପୁରସ୍କୃତ ପ୍ରାପ୍ତ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ବରିଷ୍ଠ କବି ସଚ୍ଚିତ୍ର କୁମାର ବେହୁରା, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କେନ୍ଦ୍ରାପଡ଼ାର ଉପଦେଷ୍ଟା ତୈଲୋକ୍ୟ ପ୍ରସାଦ ମିଶ୍ର, ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଗୁରୁତ୍ୱ, ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ନଅଟି ବ୍ଲକରୁ ଆସିଥିବା ପିଲାମାନଙ୍କର ଜିଲ୍ଲାସ୍ତରୀୟ ଗୀତାପାଠ ପ୍ରତିଯୋଗିତାରେ କୁମାରୀ ସ୍ୱୟଂଶ୍ରୀ ସାମନ୍ତରାୟ(ପ୍ରଥମ ସ୍ଥାନ)ଭୂମିକା ଦାସ(ଦ୍ୱିତୀୟ)ସୁଦୀକ୍ଷା ନାୟକ(ତୃତୀୟ)ସ୍ଥାନ ଅଧିକାର କରିଥିଲେ। ସଂଘ ତରଫରୁ ସେମାନଙ୍କୁ ସାର୍ଟିଫିକେଟ ସହ ଅର୍ଥରାଶି ପ୍ରଦାନ କରାଯିବା ସହ ଅବସର ଶିକ୍ଷକମାନଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସଂସ୍କୃତ ବିଷୟରେ ଶତପ୍ରତିଶତ ନମ୍ବର ରଖିଥିବା ପିଲାମାନଙ୍କୁ ସମ୍ମାନିତ କରାଯାଇଥିଲା। ପଣ୍ଡିତ ଉମାକାନ୍ତ ମହାପାତ୍ର ବେଦପାଠ, ମାନସ ମୁଦ୍ରା ଅତିଥି ପରିଚୟ, ସଂଘ ସମ୍ପାଦକ ଭଗବାନ ସାହୁ ବିବରଣୀ ପାଠ କରିଥିଲେ। ସର୍ବଶ୍ରୀ ପ୍ୟାରୀ ମୋହନ ସ୍ୱାଇଁ, ଶ୍ରୀନାଥ ମିଶ୍ର, ଜୟନ୍ତ ପଣ୍ଡା, ହାଡିବନ୍ଧୁ ଭୂୟାଁ, ବିଜୟ ସାହୁ, ସୃଜୟକୁମାର ବେଉରା, ପ୍ରସନ୍ନ ଦାସ, ରବିନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ଦାସ, ମାଗୁଣି ବେହେରା, ସୁରେଶ କୁମାର ପାଣି, ଜୟନ୍ତ ଶତପଥୀ, ସତ୍ୟବ୍ରତ ନନ୍ଦ, ଶ୍ରୀବତ୍ସ ତ୍ରିପାଠୀ, ଅକ୍ଷୟ ପତ୍ରୀ, ଶିବପ୍ରସାଦ ରଥ, ସରୋଜ ଦାଶ, ଅଳକା ମହାନ୍ତି, ସ୍ୱର୍ଣ୍ଣ ନାୟକ, ସରୋଜିନି ପାଣିଗ୍ରାହୀ, ଭାଗବତ ପତ୍ରୀ ସମେତ କଷଣଅଂଟା ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ମିଳିତସହଯୋଗ ସହିତ ସୁରେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳିତ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ସଂସ୍କୃତ ଶିକ୍ଷକ /ଶିକ୍ଷିକା ଯୋଗଦେଇ ସମାରୋହକୁ ସରସ ସୁନ୍ଦର କରିଥିଲେ । ସର୍ବଶେଷରେ ପଣ୍ଡିତା ନର୍ମଦା ବେହେରା ଧନ୍ୟବାଦ ଦେଇଥିଲେ।

# ଝାଡେଶ୍ୱରୀ କ୍ଲବରେ ଜାତୀୟ କ୍ରୀଡା ଦିବସ ପାଳିତ

ପୁରୀ, ୩୧/୦୮ (ନି.ପ୍ର): ପୁରୀର ପ୍ରସିଦ୍ଧ କ୍ରୀଡା ଅନୁଷ୍ଠାନ ଝାଡେଶ୍ୱରୀ କ୍ଲବ ଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଶ୍ରୀ ମା ଯୋଗ ମନ୍ଦିର ଓ ହେଲଥ ପଏଣ୍ଟ ମିଳିତ ସହଯୋଗରେ ଏହି ଉତ୍ସବ ପାଳିତ ହୋଇଥିଲା । ପ୍ରଥମ ରାଜ୍ୟସ୍ତରୀୟ ସଂଗୀତ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବର୍ଗର ପ୍ରତିଯୋଗୀ ମାନଙ୍କ ମଧ୍ୟରେ ମିନି, ଉପ କନିଷ୍ଠ, କନିଷ୍ଠ, ବରିଷ୍ଠ, ଏବଂ ବୟସ୍କ ପ୍ରାୟ ୧୫୦ ଜଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଯୋଗ ପ୍ରାଧ୍ୟାପକ ଡଃ ଶାନ୍ତାମତି ଦାଶ, ଜାତୀୟ ବିଚାରକ ମମତା ମହାନ୍ତି,ସଞ୍ଜୟ କୁମାର ପଣ୍ଡା, ସରୋଜ କୁମାର ମହାପାତ୍ର ଓ ଝାଡେଶ୍ୱରୀ କ୍ଲ ର ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ରଙ୍କୁ ଯୋଗ ଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଗିରିଜା ଶଙ୍କର ଶତପଥୀ, ରଞ୍ଜନ କୁମାର ପାତ୍ର, ବସନ୍ତ କୁମାର ଖିଲା, ଦିଲ୍ଲୀପ କୁମାର ଦାଶ,ଙ୍ ମନସ୍ୱୀନୀ ମିଶ୍ର ଙ୍କୁ ସୁ ବିଚାରକ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରତିଯୋଗୀତା କୁ ମଧୁଛନ୍ଦା ସ୍ୱାଇଁ, ପରିବେଶବିତ ସରୋଜ କୁମାର ଜେନା, ଆନ୍ତର୍ଜାତୀୟ ଯୋଗବିତ ନିଖିଳ କୁମାର ଦଳାଇ,ଝାଡେଶ୍ୱରୀ କ୍ଲବ ର ସମସ୍ତ କର୍ମକର୍ତା ଓ ସମ୍ପାଦକ ପାର୍ଥ ସାରଥି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଶ୍ରୀ ମା ଯୋଗ ମନ୍ଦିର ର ଲିପିନା ପାତ୍ର, ଝୁମୁନା ପାତ୍ର ,ଅନୀତା ପାତ୍ର,ଶ୍ୱେତଲିନା ପାତ୍ର,ସଂଘମିତ୍ରା ସେଠି,ପ୍ରଭାତୀ ହୋତା,ଅଂଜଳି କାନୁନ୍‌ଗୋ,ରୁଚିମିତ୍ରା ଜଗଦ୍ଦେବ ଓ ମୀନତି ସାହୁଙ୍କୁ ଯୋଗ ଜାଗ୍ରୁତି ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ତପସ୍ୱିନୀ ସେଠୀ, ଦେବଶ୍ରୀ ରଥ ,ଶ୍ୱସ୍ତିକ ରଞ୍ଜନ ରଣସଂହ,ପି ରାହୁଲ କୁମାର ରାଓ, ସୁଷ୍ଟି ସିଗ୍ଧା ବେହେରା ,ସୁନୀତା ମାଝୀ, ବନୀତା ଦୀକ୍ଷିତ, ପ୍ରଭାତୀ ହୋତା,ଆଲୋକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ସଞ୍ଜୟ କୁମାର ମିଶ୍ର ଯୋଗାସନ ର ମହତ୍ୱ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ନଅ ଟିକିଆ ହାତୀପଲ କଲେ ଫସଲ ନଷ୍ଟ

କେନ୍ଦୁଝର, ୩୧/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଆଜି ସଦର ବ୍ଲକ ଅନ୍ତର୍ଗତ କେରି ଗ୍ରାମରେ ୯ ଟିକିଆ ହାତୀ ପଲ ଗତକାଲି ରାତିରୁ ଗ୍ରାମ ନିକଟରେ ଡେରା ପକାଇଛନ୍ତି। ଏହି ହାତୀ ପଲ ଧାନ ଫସଲ ଖାଇବା ସହ ନଷ୍ଟ କରି ନିକଟସ୍ଥ ଜଙ୍ଗଲକୁ ପଳେଇଛନ୍ତି । ଏହି ହାତୀ ପଲ ଯେତିକି ଖାଇ ନାହାଁନ୍ତି ସେତିକି ମାଡ଼ି ଦଳି ନଷ୍ଟ କରି ଦେଇଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫସଲ ନଷ୍ଟ ନେଇ କ୍ଷତିପୂରଣ ଦାବୀ କରିଛନ୍ତି ଗ୍ରାମବାସୀ।

# ସ୍ୱାୟତ ଶାସନ ଦିବସରେ ମେଗା ଚକ୍ଷୁ ଚିକିତ୍ସା ଶିବର

କେନ୍ଦୁଝର, ୩୧/୦୮ (ନି.ପ୍ର): କେନ୍ଦୁଝରଗଡ ପୌରପାଳିକାର ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ନଗର ଭବନଠାରେ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ, ଭୂମିକା ଚକ୍ଷୁ ଚିକିତ୍ସାଳୟ ଓ କେନ୍ଦୁଝରଗଡ ପୌରପାଳିକାର ମିଳିତ ସହଯୋଗରେ ବିଶାଳ ଚକ୍ଷୁ ପରୀକ୍ଷା ଶିବିରକୁ ପୌରାଧ୍ୟକ୍ଷା ନିକୁ ସାହୁ, ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଓ ସମାଜସେବୀ ଭକ୍ତବତ୍ସଳ ମହାନ୍ତି ଉଦଘାଟନ କରିଥିଲେ । ଭୂମିକାର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ମାର୍ଗଦର୍ଶନରେ ହସ୍ପିଟାଲ ମ୍ୟାନେଜର ରଣଜିତ କୁମାର ପଣ୍ଡା, ଅପଟମ ସୟନ ସୁନ୍ଦର ମାଇତି, ସ୍ୱାସ୍ଥ୍ୟସେବିକା ଅନିତା ରାଉଳ, ଭବସ୍ମିତା ପାତ୍ର, ଜସମିନ ମହାରଣା, ପୂଜାରାଣୀ ମହାନ୍ତି, ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଦିପ କୁମାର ବାରିକ ଚକ୍ଷୁ ପରୀକ୍ଷା କରିଥିଲେ । ପୌରପାଳିକାର ୨୧ଗୋଟି ୱାର୍ଡ ଅନ୍ତର୍ଗତ ୮୨ଟି ବସ୍ତିରୁ ୨୮୪ ଜଣ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି । ସମସ୍ତ ରୋଗୀଙ୍କୁ କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ ତରଫରୁ ମାଗଣା ଔଷଧ ବଂଟନ କରାଯାଇଛି । ୫୫ ଜଣ ବରିଷ୍ଠ ନାଗରିକଙ୍କୁ ପରୀକ୍ଷା କରାଯାଇ ଚାଳିଶା ଚଷମା ବଂଟନ କରାଯାଇଛି ।

# ପୁରୀଠାରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କଲେ ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ

ପୁରୀ, ୩୧/୦୮ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ତଥା ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଜି ପୁରୀ ଗସ୍ତ କରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ପୁରୀଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ସାମ୍ବାଦିକମାନେ ଯୋଗ ଦେଇ ସେମାନଙ୍କର ଗଣମାଧ୍ୟମଗୁଡ଼ିକର କାର୍ଯ୍ୟଧାରା, ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗରେ ବିସ୍ତୃତ ଭାବେ ବିଚାର ରଖିଥିଲେ। ବୈଠକରେ ଏଡିଜି ଶ୍ରୀ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କର ମତାମତ ଶୁଣିବା ପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ନୀତି ସମ୍ପର୍କରେ ପ୍ରଚାରପ୍ରସାରକୁ ସୁଦୃଢ଼ କରିବା ଲାଗି ସେମାନଙ୍କ ସହ ବିଚାରବିମର୍ଶ କରିଥିଲେ। ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ହେଲେ ସେ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ। ଏଥିରେ ସ୍ଥାନୀୟ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମିଶ୍ର ମତ ରଖିଥିଲେ। ସୂଚନାର ଉନ୍ନତ ପ୍ରବାହ ସୁନିଶ୍ଚିତ କରିବା ଲାଗି ପିଆଇବି ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ମଧ୍ୟ ପିଆଇବି ଏଡିଜି ଆଲୋଚନା କରିଥିଲେ ଏବଂ ଏ ଦିଗରେ ସ୍ଥାନୀୟ ସାମ୍ବାଦିକମାନଙ୍କର ସହଯୋଗ କାମନା କରିଥିଲେ । ଶ୍ରୀ ମିଶ୍ର ସାମ୍ବାଦିକଙ୍କ ସମସ୍ୟା ଏବଂ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ବୈଠକକୁ ପିଆଇବିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପରିଚାଳନା କରିଥିଲେ । ଏଥିରେ ପୁରୀ ଜିଲ୍ଲାର ଅଗ୍ରଣୀ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

# ଦଣ୍ଡମୁକ୍ତ ଅଂଚଳରେ ଛାତ୍ରଙ୍କୁ ମାଡ ମାରିବା ଘଟଣା : ଅଭିଯୁକ୍ତ ଶିକ୍ଷକଙ୍କୁ ବଦଳି ଦାବି କଲା ବିଦ୍ୟାଳୟ ପରିଚାଳନା କମିଟି

ସମ୍ବଲପୁର, ୩୧/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପାଲି ପଞ୍ଚାୟତ ସ୍ଥିତ ଘୋଡାବାନ୍ଧୁଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନୈକ ଚତୁର୍ଥ ଶ୍ରେଣୀର ଛାତ୍ରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ବାରିକ ମାଡ଼ ମାରିବା ଘଟଣାକୁ ନେଇ ଦିନକୁ ଦିନ ପିଡୀତ ଛାତ୍ର ଓ ଅଭିଭାବକଙ୍କୁ ନ୍ୟାୟ ଦେବା ଦାବିରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ପିଡୀତ ଛାତ୍ରକୁ ମାଡ ମାରିଥିବା ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଶେଷରେ ଜମନକିରା ବିଇଓଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛି । ଏହି ବିବାଦୀୟ ଘଟଣାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର କୁମୁରାଙ୍କ ତତ୍ତ୍ୱାବଧାନରେ ଗତ ୨୩ ତାରିଖରେ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରଧାନ ଶିକ୍ଷକ ଶ୍ରୀ ବାରିକ୍ ଛାତ୍ରକୁ ମାଡ ମାରିଥିବା ମଧ୍ୟ ସ୍ୱୀକାର କରିଥିଲେ। ଏହି ସ୍ୱୀକାରୋକ୍ତି ପରେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଏବଂ ସେଠାରେ ଉପସ୍ଥିତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ବଦଳି ପାଇଁ ବୈଠକରେ ଏକ ପ୍ରସ୍ତାବ ଗୃହୀତ ମଧ୍ୟ ହୋଇଥିଲା। ଏହି ପରିପେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର କୁମୁରା ଏବଂ ଅନ୍ୟ ସଦସ୍ୟମାନେ ଗତ ଶନିବାର ଜମନକିରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଦାବି ଜଣାଇଥିଲା। ଅଭିଯୋଗରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସମୀର ବାରିକ ଘରୋଇ ଟ୍ୟୁସନରେ ଛାତ୍ରଛାତ୍ରୀଙ୍କ କଥାକଟିକୁ ନେଇ ନିଜ ପୁଅକୁ ସମର୍ଥନ କରି ଚତୁର୍ଥ ଶ୍ରେଣୀର ଆଦିବାସୀ ଛାତ୍ର ଶୋଭିତ ମୁଣ୍ଡାକୁ ଆକ୍ରୋଶମୂଳକ ବିଦ୍ୟାଳୟରେ ବିନା ଦୋଷରେ ମାଡ଼ ମାରିଥିଲେ । ଗୋଟିଏ ବେତରେ ଶୋଭିତଙ୍କ ପିଠି ଓ ହାତକୁ ଆଖିବୁଜା ମାଡ଼ ମାରି ଲହୁଲୁହାଣ କରି ସେଠାରୁ ଚାଲି ଯାଇଥିଲେ। ପରବର୍ତୀ ସମୟରେ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟର କିଛି ଶିକ୍ଷୟିତ୍ରୀ ମାନଙ୍କୁ ଜଣାଇଥିଲେ। ଶିକ୍ଷୟିତ୍ରୀ ମାନେ ଶୋଭିତଙ୍କୁ ଘଟଣା ସମ୍ପର୍କରେ ପଚାରି ଯେଉଁ ଉତର ପାଇଥିଲେ ସେଥିରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୈଣସି ସ୍ୱର ଉତୋଳନ କରିନପାରି ଶୋଭିତଙ୍କ ଅଭିଭାବକଙ୍କୁ ଜଣାଇଥିଲେ । ଏଭଳି ଘଟଣା ଶୁଣିବା ପରେ ଶୋଭିତଙ୍କ ଅଭିଭାବକ ତୁରନ୍ତ ବିଦ୍ୟାଳୟରେ ପହଂଚି ଶୋଭିତକୁ ଘରକୁ ନେଇ ଯାଇଥିଲେ। ଘରେ ପହଂଚି ଶୋଭିତର ପୋଷାକ ଖୋଲିଲା ପରେ ଶୋଭିତଙ୍କ ପିଠି ଓ ହାତ ପ୍ରଧାନ ଶିକ୍ଷକଙ୍କ ଅମାନୁଷିକ ମାଡର ନଗ୍ନଚିତ୍ର ଦେଖି ତୁରନ୍ତ ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟି ନିକଟରେ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇବା ପରେ ଡାକ୍ତରଖାନାରେ ଶୋଭିତର ପ୍ରାଥମିକ ଚିକିତ୍ସା କରାଇଥିଲେ। ସୂଚନାଯୋଗ୍ୟ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସମୀର ବାରିକ ଛାତ୍ର ଛାତ୍ରୀଙ୍କ ପ୍ରତି ଅସୌ ।ଜନ୍ୟ ଓ ଆକ୍ରୋଶ ମୂଳକ ଦୃଷ୍ଟି ରଖୁଥିବା ନେଇ ତାଙ୍କ ବିରୋଧରେ ଗତ ଜାନୁଆରୀ ୬ ତାରିଖରେ ପ୍ରସ୍ତାବ ନମ୍ବର ୪୮ ଓ ଗତ ଜୁଲାଇ ୩୧ ତାରିଖରେ ପ୍ରସ୍ତାବ ନମ୍ବର ୩୫ ଅଭିଯୋଗ ରହିଥିବା ବେଳେ ପ୍ରସ୍ତାବ ୫୩ ରେ ସ୍କୁଲ ବିଦ୍ୟାର୍ଥୀ ସହାୟକ ନିଃଶୁଳ ନମ୍ବରରେ ମଧ୍ୟ ଅଭିଯୋଗ କରାଯାଇଛି । ଏଣୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଥାଶୀଘ୍ର ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସମୀର ବାରିକଙ୍କୁ ଅନ୍ୟତ୍ର ବଦଳି କରିବାକୁ କମିଟି ଏବେ ଦୃଢ ଦାବି କରିଛି। ଏ ସମ୍ପର୍କରେ ଜମନକିରା ବିଇଓ ରୁକ୍ମଣ ପଧାନଙ୍କୁ ପଚାରିବାରୁ କମିଟି ପକ୍ଷରୁ ରିଜିଓଲେସନ ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ସୋମବାର ଦିନ ଏକ ଟିମ୍ ବିଦ୍ୟାଳୟକୁ ଯାଇ ଘଟଣାର ଯାଂଚ କରି ବିହିତ ପଦକ୍ଷେପ ନେବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ମୁଣ୍ଡ ଗୁଞ୍ଜିବାକୁ ନାହିଁ ପକ୍କା ଘର: ପଲିଥିନ ତଳେ ଦୟନୀୟ ଜୀବନ ବିତାଉଛନ୍ତି ଭୀମଙ୍କ ପରିବାର

ମାଲକାନଗିରି, ୩୧/୦୮ (ନି.ପ୍ର): ଭିନ୍ନକ୍ଷମ ଭେଣ୍ଡିଆ ପୁଅ ସହ ୯ ପ୍ରାଣୀ କୁଟୁମ୍ବର ବୋଝ ମୁଣ୍ଡାଇଛନ୍ତି ଜଣେ ବୃଦ୍ଧ । ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ନାହିଁ । ବର୍ଷଭିଜା କୁଡ଼ିଆରେ ଦୟନୀୟ ଜୀବନ ବିତାଉଛନ୍ତି। ତଥାପି ଆଜି ପର୍ଯ୍ୟନ୍ତ ଏହି ଗରିବ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଏମିତିକି ୯ ଜଣ ସଦସ୍ୟ ଥିବା ବେଳେ ମାତ୍ର ୫ ଜଣଙ୍କୁ ମିଳୁଛି ୨୫ କେଜି ଜାଉଳ। ଅର୍ଥାଭାବରୁ ୪ ପିଲାଙ୍କ ମଧ୍ୟରୁ ୩ ପିଲାଙ୍କ ପାଠପଢାରେ ଡୋରି ବନ୍ଧାଯାଇଛି । ପୌରାଂଚଳର ୧୪ ନମ୍ବର ୱାର୍ଡ ଝାଟିମାଟି କଲୋନି ପରଜାଗୁଡା ବସ୍ତିରେ ରହୁଥିବା ଭୀମ ବାଘଙ୍କ ପରିବାରର ଏ ଅବସ୍ଥା। ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ଭୀମ। ମୂଲ ଲାଗିଲେ ପରିବାର ଚଳୁଛି। ପରିବାର କହିଲେ ଭିନ୍ନକ୍ଷମ ପୁଅ ସହିତ ୪ ପୁଅଝିଅ, ବୃଦ୍ଧ ପିତା ଏବଂ ଦୁଇ ଭାଇଭଉଣୀ। ୨୦୨୨ ମସିହାରେ କାମ କରୁଥିବା ବେଳେ ଘର ଉପରୁ ତଳକୁ ପଡିଯାଇ ବଡ଼ପୁଅ ଟୁନା(୨୨)ଙ୍କ ଅଂଟା ଭାଙ୍ଗିଯାଇଥିଲା। ସେବେଠୁ ଦୁଇଟି ଯାକ ଗୋଡ ଅଚଳ ହୋଇଯାଇଛି। ବନ୍ଦ ହୋଇଯାଇଛି ତାଙ୍କ ପାଠପଢା । କେବଳ ହୁଇଲ ଚେୟାର ହିଁ ତାଙ୍କ ସାହା ଭରସା ପାଲଟିଛି। ସାନ ପୁଅ ମୁନା (୧୯) ଓ ଝିଅ ରାନୁ (୧୭) ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରୁ ବଂଚିତ ହୋଇ ଘରେ ରହିଛନ୍ତି। ସାନ ଝିଅ ଲାଡୁଲି (୯) କୁମୁଟିଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ପଢୁଛି। ଟୁନାଙ୍କୁ ସରକାରୀ ସହାୟତା ଭାବରେ ଭିନ୍ନକ୍ଷମ ଭତ୍ତା ବାବଦରେ ମାସକୁ ୧୨୦୦ ଟଙ୍କା ଏବଂ ହୁଇଲ୍ ଚେୟାରଟିଏ ମିଳିଛି। ପରିବାରରେ ୯ ଜଣ ସଦସ୍ୟ ରହୁଥିବା ବେଳେ ମିଳୁଛି ମାତ୍ର ୨୫ କେଜି ଚାଉଳ। ଜମିବାଡ଼ି ବୋଲି କିଛି ନାହିଁ। ପରଘରେ ମୂଲ ଲାଗି ପରିବାର ଚଳାଉଛନ୍ତି ଭୀମ ଓ ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ବି ନାହିଁ। ବର୍ଷାପବନ ହେଲେ ଛାତି ଥରିଯାଉଛି। ଭଙ୍ଗା ଝାଟିମାଟିର ପଲିଥିନ କୁଡ଼ିଆ ଭିତରକୁ ପାଣି ପଶିଯାଉଛି। ଦଦରା ଘରେ ରୋଷେଇଠାରୁ ଆରମ୍ଭ କରି ଶୋଇବା, ବସିବା ସବୁକିଛି। ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟିଦେବା ଦରକାର। ଗରିବ ପରିବାରକୁ ପକ୍କା ଘରଟିଏ ସହିତ ଭିନ୍ନକ୍ଷମ ଟୁନାଙ୍କୁ ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୨୫ କେଜି ଚାଉଳ, ଭିନ୍ନକ୍ଷମ ଭତ୍ତା ୩୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ନିବେଦନ କରିଛନ୍ତି ଭୀମ।

# ବନୀକରଣ କ୍ଷେତ୍ର ପରିଦର୍ଶନ କଲେ ପିସିସିଏଫ୍

କେନ୍ଦୁଝର, ୩୧/୦୮ (ନି.ପ୍ର): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନ ଜଡ଼ିପଦା ସଂରକ୍ଷିତ ଜଙ୍ଗଲ, ସାହାରପଡ଼ା ସେକ୍ସନ ନୟାଜଗନ୍ନାଥପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ ପାଟଣା ସେକ୍ସନ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ପାଟଣା ବନ ବିଭାଗ ତରଫରୁ ହେଇଥିବା ଚାରାରୋପଣ କ୍ଷେତ୍ରକୁ ପିସିସିଏଫ୍ ସୁରେଶ ପନ୍ଥ ପରିଦର୍ଶନ କରିଛନ୍ତି । ଏଥିରେ ଆରସିସିଏଫ୍ ରାଉରକେଲା ପି. ରାମ ସ୍ୱାମୀ ଡିଏଫ୍ଓ କେନ୍ଦୁଝର ଏଚ୍.ଡି ଧନରାଜ, ଏସିଏଫ୍ କେନ୍ଦୁଝର ଅଶୋକ କୁମାର ଦାସ ପ୍ରମୁଖ ସାମିଲ ହୋଇ ଚାରାରୋପଣ କ୍ଷେତ୍ର ପରିଦର୍ଶନ କରିଥିଲେ। ଏଥିରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡ଼ା ବନପାଳ ଶ୍ରୀମନ୍ତ କୁମାର ବେହେରା ଓ ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ଭଦ୍ରକ ଜିଲ୍ଲା ବ୍ୟାଡ଼ମିଂଟନ ଚାମ୍ପିୟନସିପ୍ ଉଦ୍‌ଘାଟିତ

ଭଦ୍ରକ, ୩୧/୦୮ (ନି.ପ୍ର): ଜିଲ୍ଲା ସଟଲ ଆସୋସିଏସନ, ଭଦ୍ରକ ଓ ମା ଦୁର୍ଗା ଆସୋସିଏସନ ଧାମନଗର ମିଳିତ ସହଯୋଗରେ ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଂଟନ ଆସୋସିଏସନ ସ୍ୱୀକୃତି ପ୍ରାପ୍ତ ଭଦ୍ରକ ଜିଲ୍ଲା ଚାମ୍ପିୟନସିପ ଟୁର୍ଣ୍ଣାମେଂଟ ଧାମନଗର ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ଶନିବାର ଠାରୁ ଆରମ୍ଭ ହୋଇଛି। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ବ୍ଲକ ରୁ ପ୍ରତିଯୋଗୀ ଭାଗ ନେଇଛନ୍ତି। ଆଜି ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ. ଡି. ପି. ଓ ତ୍ରିଲୋଚନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ରମାକାନ୍ତ ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ବରିଷ୍ଠ ରାଜନେତା ଅରବିନ୍ଦ ପତି ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରତିଯୋଗିତା ଟିକୁ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ସଟଲ ଆସୋସିଏସନର ସଭାପତି ମହେଶ କୁମାର ସମ୍ପାଦକ ସମୀର ଦାସ ସହଯୋଗୀ ଅନୁଷ୍ଠାନ ମା ଦୁର୍ଗା ଆସୋସିଏସନ ଧାମନଗର ର ସମ୍ପାଦକ ଅଜିତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକ ଜେନା ଉପସ୍ଥିତ ଥିଲେ। ଚାମ୍ପିୟନସିପ କମିଟିର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଧାମନଗର ରେ ଏହି ପ୍ରତିଯୋଗିତା ପ୍ରଥମ ଥର ଆୟୋଜିତ ହେଉ ଥିବାରୁ ଜିଲ୍ଲା ପ୍ରଶାସନ ଓ ଷ୍ଟେଟ ବ୍ୟାଡ଼ମିଂଟନ ଆସୋସିଏସନକୁ କୃତଜ୍ଞତା ଜଣାଇ ଥିଲେ।

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ୦୧ ସେପ୍ଟେମ୍ବର ୨୦୨୫

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ।



ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।

**ବାର୍ଦ୍ଧକ୍ୟ ଅବସ୍ଥାର କାରଣ:** ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା:୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩- ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।

**ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା:** ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ୱେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଶଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ୱେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ୱେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

**ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:**

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

**ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା:** ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ ସିଷ୍ଟମ ଓ ନନଏନଜାଇମ



ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା-ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

**ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:**

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଟପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ହେବା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ଏହି ଯୋଦ୍ଧା, ଏହି କାରଣରୁ ଲଢିଲେନି ଯୁଦ୍ଧ...

ଧର୍ମ ଓ ଅଧର୍ମ ମଧରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ । ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚଙ୍କ ପୁଅ ବର୍ବରିକ୍ । ସେ ଦିବ୍ୟଶକ୍ତି ହାସଲ କରିଥିଲେ । ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ ଥିଲା । ବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା



ଯେ ଯଦି ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ । ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ । ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ । ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ । ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ । କିନ୍ତୁ ବର୍ବରିକ୍‌ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ । କଳିଯୁଗରେ ବର୍ବରିକ୍‌ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ । ଆଉ ବର୍ବରିଙ୍କର ବର୍ତ୍ତମାନ ଖଟ୍ଟୁଶ୍ୟାମ ଭାବେ ପୂଜା ପାଉଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସୁଜିର ଏହି ରେସିପି: ଖୁବ୍ ଜମିବ



ଗରମାଗରମ ପକୁଡ଼ି ଖାଇବାର ମଜା ଅଲଗା। ଲୋକେ ଭିନ୍ନ ଭିନ୍ନ ପ୍ରକାରର ପକୁଡ଼ି ଖାଇ ମଜା ଉଠାଇଥାନ୍ତି। ହେଲେ କେବେ ସୁଜି ଓ ଆଳୁର ସୁଆଦିଆ ପକୁଡ଼ି ଖାଇଛନ୍ତି। ଏହା ପାଟିକ ଯେତେ ଚଟପଟା ଖାଇବାକୁ ଯେତେ ସୁଆଦିଆ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ । ପ୍ରଥମେ ଆଳୁକୁ ଚୋପା ଛଡ଼ାଇ ଏକ ଗ୍ରେଟ୍‌ରରେ ଘଷି ଦିଅନ୍ତୁ। ତାହାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ ତେଲ ପକାଇ ଜିରା ପକାନ୍ତୁ। ଜିରା ଫୁଟିଲେ କଞ୍ଚା ଲଙ୍କା, ଅଦା, ଭେସ୍ତଙ୍ଗା ପତ୍ର, କଞ୍ଚା ଆଳୁ ପକାଇ ହାଲକା ଭାଜି ଦିଅନ୍ତୁ। ଏବେ ସେଥିରେ ପାଣି ଦିଅନ୍ତୁ। ମନେ ରଖନ୍ତୁ ଏହି ପକୁଡ଼ି ପାଇଁ ଯେତିକି ସୁଜି ବ୍ୟବହାର କରିବେ, ତାର ଦୁଇ ଗୁଣା ପାଣି ପକାଇବେ। ପାଣି ଫୁଟିଗଲେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଚାଟ ମସଲାକୁ ପକାନ୍ତୁ। ଏହାପରେ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ସେଥିରେ ଅଳ୍ପ ଅଳ୍ପ କରି ସୁଜି ପକାଇ ତାହାକୁ ଭଲ ଭାବେ ଜନ୍ତଣୀ ଦିଅନ୍ତୁ। ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦିଅନ୍ତୁ। ପରେ ତାହାକୁ ହାତରେ ଛୋଟା ଛୋଟା ଗୁଳା କରି ତେଲରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ସୁଜି ପକୁଡ଼ି। ବର୍ଷା ପାଗରେ ଏହାର ମଜା ନିଅନ୍ତୁ।

# ରକ୍ତହୀନତା ଓ ମହିଳା

**ସାଧାରଣତଃ ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ମହିଳାମାନେ ଅଧିକ ସଂଖ୍ୟାରେ ରକ୍ତହୀନତାର ଶିକାର ହୋଇଥାନ୍ତି । ତେବେ ଏହି ରକ୍ତହୀନତା ରୋଗର ପ୍ରଥମରୁ ଚିକିତ୍ସା କରାଯାଇ ନପାରିଲେ ମଣିଷ ମୃତ୍ୟୁ ମୁଖକୁ ଟାଣି ହୋଇଯିବାର ସମ୍ଭାବନା ରହିଛି। ଏଥିପାଇଁ ବେଳହୁଁ ସତର୍କତା ଅବଲମ୍ବନ କରିବାର ଯଥାର୍ଥତା ରହିଛି। ତେବେ ରକ୍ତହୀନତା କ'ଣ ଏବଂ ଏହି ରୋଗର ଉପଚାର ସମ୍ପର୍କରେ ଆସନ୍ତୁ ଜାଣିବା।**



ଇଂରାଜୀରେ ଗୋଟିଏ ପ୍ରବାଦ ରହିଛି ପ୍ରିଭେନଶନ ଇଜ୍ ବେଟର ଦ୍ୟାନ କିଓର। ତା'ଣ ଭାବାର୍ଥ ହେଲା ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ନିବାରଣ କରିବା ଭଲ। ଶିକ୍ଷିତା ନାରୀ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଧର୍ମୀ ପତ୍ରିକା ପଢ଼ି ତଦନୁସାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବେଶ୍ ଜାଣିପାରୁଛି। ଗ୍ରାମାଞ୍ଚଳରେ ଅଶିକ୍ଷିତ ତଥା ନିରକ୍ଷର ମହିଳାମାନେ ଅଜ୍ଞାତରେ ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରେ ଅନେକ ଗ୍ରାମ୍ୟ ମହିଳା ରକ୍ତହୀନତାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ରକ୍ତହୀନତାର ମୃତ୍ୟୁ ହାର ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଣୁ ଏହା ଏକ ଉଦ୍‌ବେଗର ବିଷୟ ଭାବେ ଦେଖା ଦେଇଛି।

**ଲକ୍ଷଣ:** ଶରୀରରେ ରକ୍ତର ପରିମାଣ କମ୍ ହେଲେ ନିମ୍ନଲିଖିତ ଲକ୍ଷଣମାନ ପ୍ରକାଶ ପାଇଥାଏ। ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତାରହିଛି।

- ରକ୍ତହୀନତାର ବ୍ୟକ୍ତି ଅଧିକ ଦୁର୍ବଳ ଅନୁଭବ କରେ। ସାମାନ୍ୟ ପରିଶୟମ କଲେ ତାକୁ ଥକ୍କା ଲାଗେ।

ଆଳସ୍ୟ ଏବଂ ନିରୁତ୍ସାହିତ ସର୍ବଦା ଲାଗିରହେ। କୌଣସି କାମରେ ମନ ଲାଗେନି।

- ରୋଗୀ ସବୁବେଳେ ବିଛଣାରେ ପଡ଼ିରହିବାକୁ ପସନ୍ଦ କରେ। ଭୋଗ ଲାଗେ ନାହିଁ କିମ୍ବା ଭୋକହୁଏ। ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୁଏନାହିଁ।
- ପେଟ ସବୁବେଳେ ଓଜନିଆ ଲାଗେ। କୋଷ୍ଠକାଠିନ୍ୟ ଲାଗିରାହେ।
- ରକ୍ତହୀନତା ହେତୁ ବ୍ୟକ୍ତିକୁ ଚିଡ଼ିଚିଡ଼ା ଲାଗେ। ତା'ର ସ୍ମରଣ ଶକ୍ତି ମଧ୍ୟ କମିଯାଏ।
- ଶରୀର ହଳଦିଆ ଦେଖାଯାଏ। ମୁଣ୍ଡ ବୁଲାଏ, ଆଖି ଆଗରେ ଝାପସା ଝାପସା ଦେଖାଯାଏ।
- ରକ୍ତଚାପ କମ ହୋଇଯିବାର ଲକ୍ଷଣ ମଧ୍ୟ ପରିଲକ୍ଷିତ ହୁଏ।
- ରୋଗ ବୃଦ୍ଧି ପାଇବା ଅବସ୍ଥାରେ ଓଠ,



ଜିଭ, ନଖ ଆଦି ଧଳା ଦେଖାଯାଏ।

- ଶରୀରରେ ତଥା ଗୋଡ଼ ହାତରେ ଯନ୍ତ୍ରଣା ଲାଗିରହେ।
- ଏହାଦ୍ୱାରା ମାସିକ ଋତୁସ୍ରାବ ମଧ୍ୟ କମିଯାଏ। ଏମିତି ପରିସ୍ଥିତିରେ ଗର୍ଭଧାରଣ କଲେ ଶିଶୁ ଦୁର୍ବଳ ହୋଇପଡ଼େ।

ଶରୀରରେ ରକ୍ତ କମିଯିବାର କାରଣ ରକ୍ତସ୍ରାବ:

ଖଣ୍ଡିଆ ହେଲେ, କଟିଗଲେ, ଅପରେସନ କିମ୍ବା ଅନ୍ୟ କୌଣସି କାରଣରୁ ଶରୀରରୁ ଯେବେ ଅଧିକ ରକ୍ତ ନିର୍ଗତ ହୁଏ, ତେବେ ଶରୀରରେ ରକ୍ତହୀନତା ଦେଖାଦିଏ।

ଅନ୍ତଃକୃମିର କାରଣ: ଗ୍ରାମ୍ୟ ମହିଳାମାନେ ଖାଲି ପାଦରେ ସବୁବେଳେ ଆତଯାତ ହୁଅନ୍ତି। ପାଦରେ କୃମି ପେଟକୁ ଯାଇ ରକ୍ତ ଶୋଷଣ କଲେ ରକ୍ତହୀନତା ଦେଖାଦିଏ ସେହିପରି ଏମିତି କେତୋଟି ରୋଗ ଅଛି ଯାହା ଦ୍ୱାରା ଶରୀରୁ ରକ୍ତ ବାହାରିଯାଏ। ମଳକଣ୍ଟକ, ଆମାଶୟ, ବ୍ରଣ ଆଦି।

କୁପୋଷଣ: ପୂର୍ଣ୍ଣ ଭାବେ ପୌଷ୍ଟିକ ଖାଦ୍ୟ ନମିଳିବା, ଖାଦ୍ୟରେ ସବୁଜ ପନିପରିବାର ଅଭାବ, ଫଳ ଓ କ୍ଷୀରର ଆବଶ୍ୟକତାକୁ ପୂରଣ କରି ନପାରିଲେ ରକ୍ତାଳ୍ପତା ହୁଏ। ଏହାବ୍ୟତୀତ ଆଂଟିବାୟୋଟିକ ଔଷଧ ସେବନର ଅଧିକ ହେତୁଲାଲ ରକ୍ତକଣିକା ତିଆରି ପାଇଁ ଅସୁବିଧା ଉପୁଜେ। ଭୋଜ୍ୟ ପଦାର୍ଥ ଭିତରୁ ଲୌହ ଭିଟାମିନ୍ସ ଆଦିର ଅଭାବରେ ମଧ୍ୟ ରକ୍ତହୀନତା ଦେଖାଦିଏ। ପୂର୍ଣ୍ଣ ଭାବେ ବିକଶିତ ହୋଇ ନଥିବା ଶରୀରକୁ ଗର୍ଭଧାରଣର ବୋଝ, ମାସିକ ଋତୁସ୍ରାବରେ ଅତ୍ୟଧିକ ରକ୍ତକ୍ଷରଣ, ବାରମ୍ବାର ଗର୍ଭଧାରଣ ମଧ୍ୟ ଅନ୍ୟସବୁ କାରଣ ବୋଲି ଜଣାପଡ଼ିଛି।



**ରକ୍ତହୀନତା ଜନିତ ରୋଗ:** ଯଦି ସମୟ ଆଗରୁ ରକ୍ତହୀନତା ପ୍ରତି ଧ୍ୟାନ ଦିଆ ନଯାଏ ଅଥବା ଠିକ ସମୟରେ ଚିକିତ୍ସା ନକଲେ ଅନେକ ପ୍ରକାର ରୋଗ ବଢ଼ିଚାଲେ । ଶରୀର ହଳଦିଆ ହୋଇପଡ଼େ ଏବଂ ରୋଗୀ ଶକ୍ତିହୀନ ହୋଇ ବିଛଣାରେପଡ଼ିରହେ। କାମଳ ଓ ଜଳୋଦର ରୋଗ ମଧ୍ୟ ଗ୍ରାସ କରେ। ଏହା ବେଳେ ବେଳେ ଏମିତି ବିକଟାଳ ରୂପ ଧାଣର କରେ ଯେ ରୋଗୀ ମୃତ୍ୟୁମୁଖରେ ପଡ଼େ। ଗର୍ଭାବସ୍ଥାରେ ରକ୍ତହୀନତା ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇପଡ଼େ ଏରୁ ରକ୍ତହୀନତାକୁ ସାମାନ୍ୟ ରୋଗ ନଭକାବି ତୁରନ୍ତ ଏହାର ଚିକିତ୍ସା କରାଇନେବା ଉଚିତ। **ରକ୍ତହୀନତାର ଚିକିତ୍ସା:** ଏହା ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଲୌହ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପରିପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ। ଖାଦ୍ୟରେ ସବୁଜ ପନିପରିବା,ବିଭିନ୍ନ ପ୍ରକାରର ଶାଗ, ଯଥା- ପାଳଙ୍ଗ, ଖଡ଼ାଶାଗ, ଧନିଆପତ୍ର, ଫଳ ଭିତରେ କଦଳୀ, ସେଓ, ଅଙ୍ଗୁର, ଅଁଳା, ଗାଜର, ଟମାଟୋ, ଅମୃତଭଣ୍ଡା ଓ କ୍ଷୀର ମଧ୍ୟ ପ୍ରଚୁର ମାତ୍ରାରେ ଗ୍ରହଣ କରିବା ଜରୁରୀ। ଚୋକଡ଼ ମିଶ୍ରିତ ରୁଟି,ବଗଡ଼ା ଭାତ ଖାଇବା ବିଧେୟ। ସକାଳେ ସନ୍ଧ୍ୟାରେ ଖୋଲାପବନ ସେବନ କରିବା ଭଲ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ଆଗକୁ ଭୟ ରହିବ ନାହିଁ। ଶରୀର ସାମାନ୍ୟ କ୍ଳାନ୍ତି ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ। କାରଣ ରକ୍ତହୀନତା ଯୋଗୁଁ ଶରୀର ଶକ୍ତି ନପାଇ ଅବଶ ହୋଇପଡ଼େ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୧ ସେପ୍ଟେମ୍ବର ୨୦୨୫, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଷାକ୍ତ ନିଶ୍ୱାସ, କମୁଥିବା ଆୟୁଷ: ଏକ ଜାତୀୟ ସଙ୍କଟ

ପ୍ରତିବର୍ଷ ପରି ଏ ବର୍ଷ ମଧ ଶୀତ ଆସିବା ପୂର୍ବରୁ ଦିଲ୍ଲୀ ସମେତ ଉତ୍ତର ଭାରତର ଆକାଶ ଧୂଆଁ ଓ ଧୂଳିର ଏକ ବିଷାକ୍ତ ଚାଦରରେ ଢାଙ୍କି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଏହା କେବଳ ଦିଲ୍ଲୀ ବା କାନପୁରର କାହାଣୀ ନୁହେଁ। ଏହା ସମଗ୍ର ଭାରତର କାହାଣୀ, ଆପଣଙ୍କର ଓ ଆମର କାହାଣୀ। ଚିକାଗୋ ବିଶ୍ୱବିଦ୍ୟାଳୟର ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରକାଶିତ ସଦ୍ୟତମ ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ (AQLI) ୨୦୨୫ ରିପୋର୍ଟ ଏକ ଏଭଳି ଭୟାବହ ସତ୍ୟକୁ ପଦାକୁ ଆଣିଛି, ଯାହା ଆମର ସାମୂହିକ ବିବେକକୁ ଦୋହଲାଇ ଦେବା ଉଚିତ୍। ରିପୋର୍ଟ ସ୍ପଷ୍ଟ ଭାବେ କହୁଛି ଯେ, ଭାରତର କୌଣସି ଜଣେ ବି ନାଗରିକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷିତ ବାୟୁରେ ନିଶ୍ୱାସ ନେଉନାହାନ୍ତି। ଏହା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଏକ ଜାତୀୟ ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ଘଣ୍ଟାଧ୍ୱନି।

ରିପୋର୍ଟର ତଥ୍ୟ ଅନୁଯାୟୀ, ସମଗ୍ର ଭାରତରେ ବାର୍ଷିକ ହାରାହାରି ପାର୍ଟିକ୍ୟୁଲେଟ୍ ମ୍ୟାଟର (PM2.5) ସ୍ତର WHOର ନିରାପଦ ସୀମା (୫ ମାଇକ୍ରୋଗ୍ରାମ୍ ପ୍ରତି ଘନ ମିଟର) ଠାରୁ ଯଥେଷ୍ଟ ଅଧିକ। ଆହୁରି ଚିନ୍ତାର ବିଷୟ ହେଉଛି, ଆମ ଦେଶର ନିଜସ୍ୱ, ଅପେକ୍ଷାକୃତ କୋହଳ ମାନକ (40 $\mu g/m^3$)କୁ ମଧ ଦେଶର ୪୬% ଜନସଂଖ୍ୟା ଅତିକ୍ରମ କରୁଥିବା ଅଞ୍ଚଳରେ ବାସ କରୁଛନ୍ତି। ଏହାର ଅର୍ଥ, ପ୍ରାୟ ଅଧା ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବିପଜ୍ଜନକ ସ୍ତରରୁ ମଧ ଅଧିକ ପ୍ରଦୂଷିତ ବାୟୁ ସେବନ କରିବାକୁ ବାଧ୍ୟ। ଉତ୍ତର ଭାରତର ସମତଳ ଅଞ୍ଚଳ ଏହି ସଙ୍କଟର କେନ୍ଦ୍ରବିନ୍ଦୁ ପାଲଟିଛି, ଯେଉଁଠାରେ ପ୍ରାୟ ୫୪.୪ କୋଟି ଲୋକ ଏହି ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରୁଛନ୍ତି।

ଏହି ପ୍ରଦୂଷଣ କେବଳ କାଶ, ଶ୍ୱାସକଷ୍ଟ ବା ଆଖି ପୋଡ଼ିବାରେ ସୀମିତ ନୁହେଁ। ଏହା ଆମ ଜୀବନରୁ ମୂଲ୍ୟବାନ ବର୍ଷଗୁଡ଼ିକୁ ଚୋରାଇ ନେଉଥିବା ଏକ ନୀରବ ଘାତକ। AQLI ରିପୋର୍ଟ ଏକ ଚାଞ୍ଚଲ୍ୟକର ତଥ୍ୟ ଦେଇଛି: ଯଦି କେବଳ ଦିଲ୍ଲୀର ବାୟୁକୁ WHO ମାନକ ଅନୁଯାୟୀ ସଫା କରାଯାଇପାରିବ, ତେବେ ସେଠାକାର ବାସିନ୍ଦାଙ୍କ ହାରାହାରି ଆୟୁଷ ୮.୨ ବର୍ଷ ବୃଦ୍ଧି ପାଇବ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆମେ ବିକାଶ ନାମରେ କିଭଳି ମୂଲ୍ୟ ଦେଉଛୁ। ଏପରିକି ଦେଶର ସବୁଠାରୁ ସ୍ୱଚ୍ଛ ବାୟୁ ଥିବା ଅଞ୍ଚଳର ଲୋକମାନେ ମଧ ନିଜ ଆୟୁଷରୁ ହାରାହାରି ୯.୪ ମାସ ହରାଉଛନ୍ତି। ଏହା ଦର୍ଶାଉଛି ଯେ ଏହି ସମସ୍ୟା କୌଣସି ସହର ବା ରାଜ୍ୟରେ ସୀମିତ ନୁହେଁ, ଏହା ଏକ ସର୍ବବ୍ୟାପୀ ରାକ୍ଷସ ପରି ସମଗ୍ର ଦେଶକୁ ଗ୍ରାସ କରିସାରିଛି।

ଏହି ସମସ୍ୟାର ସମାଧାନ କ'ଣ ଅସମ୍ଭବ? ଆଦୌ ନୁହେଁ। ଏଥିପାଇଁ ଆମକୁ ଆମ ପଡ଼ୋଶୀ ଦେଶ ଚୀନ୍‌ଠାରୁ ଶିକ୍ଷାଲାଭ କରିବାର ଆବଶ୍ୟକତା ରହିଛି। ଗତ ଦଶନ୍ଧି ମଧରେ ଚୀନ୍ ବାୟୁ ପ୍ରଦୂଷଣ ବିରୋଧରେ ଏକ ପ୍ରକାର ଯୁଦ୍ଧ ଘୋଷଣା କରିଛି। ୨୦୧୪ ତୁଳନାରେ ସେଠାରେ PM୨.୫ ସ୍ତର ୪୦.୮% ହ୍ରାସ ପାଇଛି। ଏହା କୌଣସି ଚମତ୍କାର ନୁହେଁ, ବରଂ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ କଠୋର ନୀତିର ଫଳ। ବେଜିଂ, ସାଂଘାଇ ଭଳି ବଡ଼ ସହରରେ ଗାଡ଼ି ସଂଖ୍ୟା ସୀମିତ କରିବା, ଲୁହା ଓ ଇସ୍ପାତ କାରଖାନା ବନ୍ଦ କରିବା, ନୂଆ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର ଉପରେ କଟକଣା ଲଗାଇବା ଏବଂ ଘରୋଇ ଉତ୍ତାପ ପାଇଁ କୋଇଲା ବଦଳରେ ଗ୍ୟାସ୍ ବା ବିଦ୍ୟୁତର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଭଳି ପଦକ୍ଷେପ ନିଆଯାଇଛି। ଯଦି ଚୀନ୍ ପାରୁଛି, ତେବେ ଭାରତ କାହିଁକି ନୁହେଁ?

ଆମ ଦେଶରେ ଯୋଜନାର ଅଭାବ ନାହିଁ, କିନ୍ତୁ ତାହାର କାର୍ଯ୍ୟକାରିତାରେ ଚରମ ଅବହେଳା ପରିଲକ୍ଷିତ ହେଉଛି। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (NCAP) ଭଳି ଯୋଜନା ସତ୍ତ୍ୱେ ପରିସ୍ଥିତିରେ ବିଶେଷ ସୁଧାର ଆସିନାହିଁ। ଏହି ସମସ୍ୟା କେବଳ ସରକାରଙ୍କର ନୁହେଁ, ଏହା ଆମ ସମସ୍ତଙ୍କର। ଶିଳ୍ପ, ପରିବହନ, ନିର୍ମାଣ କାର୍ଯ୍ୟ, କୃଷି ବର୍ଜ୍ୟବସ୍ତୁ ଜଳାଇବା ଏବଂ ଆମର ଜୀବନଶୈଳୀ - ଏସବୁ ଏଥିପାଇଁ ଦାୟୀ।

ସମୟ ଆସିଛି, ଏହି ବିଷାକ୍ତ ବାୟୁ ବିରୋଧରେ ଏକ ଜନ ଆନ୍ଦୋଳନ ଗଢ଼ି ତୋଳିବାର। ଏହା କେବଳ ଏକ ପରିବେଶଗତ ପ୍ରସଙ୍ଗ ନୁହେଁ, ଏହା ଆମର ଏବଂ ଆମ ଆଗାମୀ ପିଢ଼ିର ବଞ୍ଚିବାର ଅଧିକାର ସହ ଜଡ଼ିତ। ସରକାରଙ୍କୁ କେବଳ କାଗଜକଲମର ଯୋଜନାରୁ ବାହାରି ଚୀନ୍ ଭଳି କଠୋର ଏବଂ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେବାକୁ ହେବ। ନଚେତ୍, AQLI ଭଳି ରିପୋର୍ଟ ପ୍ରତିବର୍ଷ ଆସୁଥିବ, ଆମେ ଆଲୋଚନା କରୁଥିବା ଏବଂ ଆମ ନିଶ୍ୱାସରେ ଥିବା ବିଷ ଧୀରେ ଧୀରେ ଆମ ଆୟୁଷକୁ କ୍ଷୟ କରୁଥିବ। ନିର୍ମଳ ବାୟୁ ଏକ ବିଳାସ ନୁହେଁ, ଏହା ଏକ ମୌଳିକ ମାନବିକ ଅଧିକାର। ଏହି ଅଧିକାର ପାଇଁ ଲଢ଼ିବାର ସମୟ ବର୍ତ୍ତମାନ ଆସିଯାଇଛି।



# ପବିତ୍ର ରାଧାଷ୍ଟମୀର ମାହାତ୍ମ୍ୟ ଓ ଅଲୌକିକ ଜନ୍ମ ବୃତ୍ତାନ୍ତ

**ପ୍ରଶାନ୍ତ କୁମାର ନାୟକ**

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଜଗତମାତା ପରମ ପୂଜନୀୟା ଶ୍ରୀରାଧା ରାଣୀଙ୍କର ଆବିର୍ଭାବ ଏହି ଧରାପୃଷ୍ଠରେ ଘଟିଥିଲା। ଅନୁରାଧା ନକ୍ଷତ୍ରରେ ମାତାରାଣୀଙ୍କର ଧରାବତରଣ ଘଟିଥିଲା। ଗୌଡୀୟ ବୈଷ୍ଣବ ଧର୍ମାବଲମ୍ବୀମାନେ ପବିତ୍ର ରାଧାଷ୍ଟମୀକୁ ଭବ୍ୟ ସମାରୋହରେ ପାଳନ କରିଥାଆନ୍ତି। ଜନ୍ମାଷ୍ଟମୀର ପନ୍ଦର ଦିନପରେ ଏହି ଦିନ ଆସିଥାଏ। ବୃନ୍ଦାବନରେ ସ୍ୱତନ୍ତ୍ର ଭାବରେ ଏହି ପର୍ବ ପାଳନ ହେଉଥିଲାବେଳେ ଓଡ଼ିଶାର ପୁରୀ ଜିଲ୍ଲା ଅନ୍ତର୍ଗତ ସାକ୍ଷୀଗୋପାଳ ମନ୍ଦିରରେ ରାଧାରାଣୀଙ୍କ ଜନ୍ମ ଦିନକୁ ମଧ୍ୟ ବିଶେଷ ଭାବରେ ପାଳନ କରାଯାଇଥାଏ।

ଶ୍ୟାମ ରସ ଉପନିଷଦରେ କୁହାଯାଇଛି ଯେ :-

'ଅନାଦି ରୟଂ ପୁରୁଷ ଏକ ଏବାସ୍ତି
ତଦେବ ରୂପଦ୍ୱିଧା
ବିଧାୟ ସମାରାଧନ
ତତ୍ ପରୋଭୂତଂ
ତସ୍ମାତ୍ ତାଂ ରାଧାଂ
ରସିକାନନ୍ଦାଂ
ବେଦବିଦୋ ବଦନ୍ତି।'

ତ୍ରିଭୂବନର ଏକମାତ୍ର ପୁରୁଷ ଭଗବାନ ଶ୍ରୀକୃଷ୍ଣ ନିଜର ଆରାଧନା କରିବାପାଇଁ ନିଜେ ଆଉଗୋଟିଏ ରୂପରେ ପ୍ରକଟ ହୋଇଥିଲେ ଏବଂ ତାଙ୍କୁ ହିଁ ରସିକମାନେ ରାଧାରାଣୀ ନାମରେ ନାମିତ କରିଛନ୍ତି । ଅର୍ଥାତ୍ ଯିଏ ରାଧା ସିଏ ହିଁ କୃଷ୍ଣ ।

'ଯା' ପି ରାଧା ସା'ପି କୃଷ୍ଣ
ଯା ରାଧାକୃଷ୍ଣ ଏବସଃ,
ଏକ ଜ୍ୟୋତି ଦ୍ୱିଧାରୂପ
ରାଧା ମାଧବ ସ୍ୱରୂପାୟୋଃ ।'

ହରିଙ୍କର ଅର୍ଦ୍ଧ ତନୁ ହେଉଛନ୍ତି ରାଧାରାଣୀ ଏବଂ ରାଧାରାଣୀଙ୍କ ଅର୍ଦ୍ଧ ତନୁ ହେଉଛନ୍ତି ଶ୍ରୀହରି । 'ହରେଃ ଅର୍ଦ୍ଧ ତନୁ ରାଧା, ରାଧାୟାଃ ଅର୍ଦ୍ଧ ତନୁ ହରିଃ।'

ଭଗବାନ କୃଷ୍ଣ ରାଧାଙ୍କୁ ଆରାଧନା କରନ୍ତି ଏବଂ କୃଷ୍ଣଙ୍କ ଦ୍ୱାରା ଯିଏ ଆରାଧିତ ହୁଅନ୍ତି ସିଏ ହେଉଛନ୍ତି ରାଧାରାଣୀ । ତେଣୁ ଯଥାର୍ଥରେ କୁହାଯାଇଥାଏ;

'କୃଷ୍ଣେନ ଆରାଧ୍ୟତେ ଇତି ରାଧାଃ'

ଶ୍ରୀକୃଷ୍ଣଙ୍କ ପ୍ରେମର ଚରମ ପରିଣତି ହେଉଛନ୍ତି ରାଧାରାଣୀ । ରାଧାରାଣୀ ହେଉଛନ୍ତି ମଧୁରା, ନବବୟା, ଚଞ୍ଚଳା କଟାକ୍ଷଯୁକ୍ତା, ସମୁଜ୍ଜ୍ୱଳା, ମନ୍ଦ ହାସ୍ୟାଯୁକ୍ତା, ସଂଗୀତ ଶାସ୍ତ୍ରରେ ସେ ନିପୁଣା, ରମ୍ୟବାକ୍, ମନୋହର ବଚନା, ନମ୍ର , ପଣ୍ଡିତା ଓ କରୁଣା ପୂର୍ଣ୍ଣା ପ୍ରଭୃତି ଅନେକ ଗୁଣର ଅଧିକାରିଣୀ । ଶ୍ରୀରାଧା ହେଉଛନ୍ତି ଅନନ୍ୟା, ଅବର୍ଣ୍ଣନୀୟା, ଅସୀମ ଓ ପ୍ରେମ ପୂଜାରିଣୀ । ପୁଣି ସେ ପ୍ରେମିକା ।

ପଦ୍ମ ପୁରାଣ ଅନୁସାରେ ଶ୍ରୀରାଧା ରାଣୀଙ୍କର ପିତା ରାଜା ବୃଷଭାନୁ ଓ ମାତା ରାଣୀ କୀର୍ତ୍ତିଦା । ମାତ୍ର କୀର୍ତ୍ତିଦା ରାଧାରାଣୀଙ୍କୁ ନିଜ ଗର୍ଭରୁ ଜନ୍ମ ଦେଇନଥିଲେ । ଅନୁରାଧା ନକ୍ଷତ୍ରରେ ରାଧାରାଣୀଙ୍କ ଆବିର୍ଭାବ ଘଟିଥିଲା । ସେଦିନ ଥିଲା ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି । ସବୁଦିନ ଭଳି ରାଜା ବୃଷଭାନୁ ଯମୁନା ନଦୀକୁ ସ୍ନାନ କରିବାପାଇଁ ବ୍ରହ୍ମ ମୂହୁର୍ତ୍ତରୁ ଯାଇଥିଲେ। ସେ ସ୍ନାନ କରିବାପାଇଁ ନଦୀରେ ଯେତେବେଳେ ପ୍ରବେଶ କରନ୍ତି ସେତେବେଳେ ଏକ ଅଲୌକିକ ଘଟଣା ସେ ଦେଖିବାକୁ ପାଇଲେ। ନଦୀ ମଧ୍ୟରୁ ଗୋଟିଏ ପଦ୍ମ ପୁଷ୍ପ ତାଙ୍କ ଆଡକୁ ଭାସି ଆସୁଛି । ସେହି ପୁଷ୍ପ ଉପରେ ଜଣେ ଶିଶୁକନ୍ୟା ଶୟନ କରିଛନ୍ତି, ଯାହାଙ୍କର ଶରୀରରୁ ଦିବ୍ୟ ଜ୍ୟୋତି ନିର୍ଗତ ହେଉଛି ଯାହାଦ୍ୱାରା ରାଜା ବୃଷଭାନୁଙ୍କର ଆଖି ଝଲସି ଯାଉଛି । ଫଳରେ ନାନାବିଧ କଳ୍ପନାରେ ସେ ଘାଣ୍ଟିହେଲେ। କିଏ ଏହି ଦିବ୍ୟ ଶିଶୁ କନ୍ୟା ଯାହାଙ୍କର ଶରୀରରୁ ଏଭଳି ଅଲୌକିକ ଆଭା ଝରୁଛି । ଏହି ସମୟରେ ସୃଷ୍ଟି କର୍ତ୍ତା ବ୍ରହ୍ମା ସ୍ୱୟଂ ଯମୁନା ନଦୀ ତଟରେ ପ୍ରକଟ ହୋଇ କହିଲେ ବତ୍ସ ବୃଷଭାନୁ ଏଥିରେ ଆଦୌ ବିଚଳିତ ହେବାର କୌଣସି କାରଣ ନାହିଁ । ଏହା ପୂର୍ବ ବିଧି ନିର୍ଦ୍ଧାରିତ ଘଟଣା। ତୁମେ ପୂର୍ବ ଜନ୍ମରେ ରାଜା ସୁଚିନ୍ଦ୍ୟ ଓ କୀର୍ତ୍ତିଦା ତମର ରାଣୀ କଳବତୀ ଥିଲେ । ତୁମେ ବାରବର୍ଷକାଳ କଠୋର ତପସ୍ୟା କରିଥିଲ ନାରାୟଣଙ୍କୁ । ତୁମ ତପସ୍ୟାରେ ପ୍ରୀତ ହୋଇ ଭଗବାନ ବିଷ୍ଣୁ ବର ମାଗିବାକୁ କହିବାରୁ ତୁମେ ତାଙ୍କ ଜୀବନ ସଙ୍ଗୀନି ମାତା ଲକ୍ଷ୍ମୀ ଠାକୁରାଣୀଙ୍କୁ ନିଜ ଝିଅ ଭାବରେ ପାଇବାକୁ ଚାହୁଁଥିବା କଥା କହିଥିଲ । ଫଳରେ ତୁମ କଥାକୁ ସ୍ୱୀକାରକରି ବିଷ୍ଣୁ ତଥାସ୍ତୁ ବୋଲି କହିଥିଲେ। ଫଳରେ ମାତାରାଣୀ ଏ ଜନ୍ମରେ ତୁମକୁ ଏହି ଶିଶୁକନ୍ୟା ଭାବରେ ପ୍ରାପ୍ତ ହୋଇଛନ୍ତି। ତୁମେ ଏହି ଶିଶୁକନ୍ୟାଙ୍କୁ ନିଜ ଘରକୁ ନେଇଯାଅ ଏବଂ ତାଙ୍କର ନାମ ରାଧାରାଣୀ ରଖି ଭଲରେ ଲାଳନପାଳନ କର । ଉପଯୁକ୍ତ ସମୟ ଆସିଲେ ଏହି ଘଟଣାର ଅଲୌକିକତା ବିଷୟରେ ଜାଣିପାରିବ। ଏହାକହି ବ୍ରହ୍ମଦେବ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ଏଭଳି ଯୋଗଜନ୍ମା ଶିଶୁକନ୍ୟାଙ୍କୁ ପାଇ ଏବଂ ବ୍ରହ୍ମାଙ୍କଠାରୁ ସବୁ କଥା ଶୁଣିସାରି ରାଜା ବୃଷଭାନୁଙ୍କ ଖୁସି କହିଲେ ନସରେ। ଶିଶୁକନ୍ୟାଟିକୁ ଘରକୁ ନେଇ ସବୁ ଘଟଣା ରାଣୀଙ୍କ ଆଗରେ ବର୍ଣ୍ଣନା କଲେ । ଫଳରେ ରାଣୀ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ହେଲେ । ମାତ୍ର ଏଗାରମାସ ବିତିଯିବା ପରେ ମଧ୍ୟ ସେହି ଶିଶୁକନ୍ୟା ନିଜ ନେତ୍ର ଯୁଗଳ ଖୋଲିଲେ ନାହିଁ କିମ୍ବା ଛୋଟ ଛୁଆଙ୍କ ଭଳି କାନ୍ଦିଲେ ନାହିଁ । ଏଥି ନିମିତ୍ତ ରାଜାରାଣୀଙ୍କ ମନରେ ଅନେକ ଦୁଃଖ ମଧ୍ୟ ଥାଏ। ଏକଦା ମହର୍ଷି ନାରଦ ବୃନ୍ଦାବନକୁ ପରିଭ୍ରମଣରେ ଆସି ରାଜା ବୃଷଭାନୁଙ୍କ ପ୍ରାସାଦକୁ ଆସିଲେ। ଯଥାବିଧି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଗଲେ । ମାତ୍ର ଏଗାର ମାସ ହେଲା ଶିଶୁ କନ୍ୟାଟି ଆଖି ଖଲିନଥିବାରୁ ବୃଷଭାନୁଙ୍କ ମନରେ ଖୁସି ନଥିବାରୁ ଏହା ଦେଖି ନାରଦ ପଚାରିଲେ ହେ ରାଜନ ଲାଗୁଛି ଆପଣ କିଛି ଦ୍ୱିଧାରେ ପଡିଛନ୍ତି । ରାଜାଙ୍କ ଠାରୁ ସବୁକଥା ଶୁଣିବାପରେ ନାରଦ ସେହି ଶିଶୁ କନ୍ୟାଙ୍କୁ ଭେଟିବା ପାଇଁ ଗଲେ। ତାଙ୍କୁ ଦେଖିବା ମାତ୍ରେ ନାରଦଙ୍କ ଦୁଇ ଆଖି ଅଶ୍ରୁରେ ପରିପୂର୍ଣ୍ଣ ହୋଇଗଲା । ସେ ତାଙ୍କର ବନ୍ଦନା କରିବାକୁ ଲାଗିଲେ । କହିଲେ ହେ ରାଜା ସତରେ ତୁମେ କେଡେ ଭାଗ୍ୟବାନ। ସାକ୍ଷାତ୍ ଜଗତ ମାତା ବିଶ୍ୱ କଲ୍ୟାଣମୟୀ ତୁମ ଘରେ ଆବିର୍ଭୂତ ହୋଇଛନ୍ତି । ତୁମେ ବ୍ୟସ୍ତ ହୁଅନାହିଁ। ନିଜଘରେ ଏକ ଭବ୍ୟ ସମାରୋହର ଆୟୋଜନ କର । ଏହି ସମାରୋହକୁ ନିଜର ପରିଜନମାନଙ୍କୁ ନିମନ୍ତ୍ରଣ କର । ଏହାପରେ ସମାରୋହ ଆୟୋଜନ କରାଗଲା । ବୃଷଭାନୁଙ୍କ ସଖା ନନ୍ଦରାଜା ଓ ରାଣୀ ଯଶୋଦାଙ୍କ ସହିତ ବାଳୁତ କୃଷ୍ଣ ମଧ୍ୟ ସେହି ସମାରୋହକୁ ଗଲେ । ସେଠାରେ ଖୁସିର ପରିବେଶ ଚାଲିଥିଲା । ହଠାତ୍ ବାଳକ କୃଷ୍ଣ ଆଣ୍ଠେଇ ଆଣ୍ଠେଇ ସିଧା ରାଧାରାଣୀଙ୍କ ପଲଙ୍କ ପାଖରେ ପହଞ୍ଚିଗଲେ । ତାଙ୍କୁ ଅପଲକ ନେତ୍ରରେ ଚାହିଁ ରହିଲେ । ଶ୍ରୀକୃଷ୍ଣଙ୍କ ଶରୀରର ଦିବ୍ୟ ସୁଗନ୍ଧରୁ ଅନୁଭବ କରି ରାଧାରାଣୀ ଜାଣିପାରିଲେଯେ, ଦୀର୍ଘ ଏଗାର ମାସ ହେଲା ସେ ଯାହାଙ୍କୁ ଚାହିଁ ରହିଛନ୍ତି, ଯାହାଙ୍କ ପାଇଁ ତାଙ୍କର ଧରାବତରଣ ହୋଇଛି ବୋଧହୁଏ ମୋ ଆଖପାଖରେ ଅଛନ୍ତି । ଏହା ଭାବି ହଠାତ୍ ରାଧାରାଣୀଙ୍କ ଚକ୍ଷୁ ଯୁଗଳ ଖୋଲିଗଲା, ସେ ଅପଲକ ନେତ୍ରରେ ସେହି ପରମ ପୁରୁଷୋତ୍ତମଙ୍କୁ ଚାହିଁରହିଲେ। ଶ୍ରଦ୍ଧାରେ ତାଙ୍କ ଆଖିରୁ ଅଶ୍ରୁ ଧାରା ବୋହିବାକୁ ଲାଗିଲା ଓ ସେ କାନ୍ଦିବାକୁ ଲାଗିଲେ । ଏଭଳି ଦୁର୍ଲଭ ଓ ଅଲୌକିକ ଘଟଣା ସମୂହ ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହେବାଛଡା ଅନ୍ୟ କୌଣସି କାରଣ ହିଁ ନଥିଲା । କାରଣ ପରମେଶ୍ୱର ଓ ଜଗତ ଜନନୀଙ୍କର ସେହି ଅପୂର୍ବ ମିଳନ କେତେ ସୁଖକର ଥିଲା ସତେ । ସମସ୍ତେ ଜାଣି ପାରିଲେ ଯେ, ବାଳକ କୃଷ୍ଣଙ୍କୁ ଶିଶୁ କନ୍ୟାଟି ଦୀର୍ଘ ଏଗାର ମାସ ହେଲା ଅପେକ୍ଷା କରିଥିଲେ । ସେଥିପାଇଁ ସେହି ପରମ ପୁରୁଷଙ୍କୁ ସର୍ବପ୍ରଥମେ ଦର୍ଶନ କରିବାପାଇଁ ପୂର୍ବରୁ କେବେ ଆଖି ଓ ପାଟି ଖୋଲି ନଥିଲେ ।

ଅନ୍ୟଏକ ପୌରାଣିକ କଥାବସ୍ତୁ ଆଧାରିତ ବର୍ଣ୍ଣନାରୁ ଜଣାଯାଏ ଯେ, ଏକଦା ଦେବୀ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କଲେ ଯେ, ପ୍ରଭୁ ଏ ଜଗତବାସୀ ସର୍ବଦା ରାଧାକୃଷ୍ଣ ବୋଲି କହୁଛନ୍ତି କାହିଁକି ? କେହି ରୁକ୍ମିଣୀ କୃଷ୍ଣ ବାଲି କହୁନାହାନ୍ତି କାହିଁକି, ଏହାର ତାତ୍ପର୍ଯ୍ୟ କ'ଣ ଦୟାକରି ମୋତେ କୁହନ୍ତୁ । ଶ୍ରୀକୃଷ୍ଣ ଉତ୍ତରରେ କହିଲେ ରାଧାରାଣୀଙ୍କ ପ୍ରେମ ପବିତ୍ର, ନିଃସ୍ୱାର୍ଥପର, ନିଷ୍କପଟ । ରୁକ୍ମିଣୀ କହିଲେ ପ୍ରଭୁ ତା'ହେଲେ, ମୋ ପ୍ରେମ କ'ଣ ପବିତ୍ର ନୁହେଁ ? ଶ୍ରୀକୃଷ୍ଣ ଜାଣିପାରିଲେ ଯେ , ରୁକ୍ମିଣୀ ଅଭିମାନ କରୁଛନ୍ତି ବୋଲି। ସବୁକଥାକୁ ସହଜରେ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ ଏକ ମାୟା ରଚନା କଲେ । ଫଳରେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇଗଲା । ସେ ତଳେ ପଡିଗଲେ । ଲାଗିଲା ସତେଯେମିତି ଏଇକ୍ଷଣି ତାଙ୍କ ପ୍ରାଣବାୟୁ ଚାଲିଯିବ । ଏହି ଦୃଶ୍ୟ ଦେଖି ନାରଦ ମୁନି ସେଠାରେ ପହଞ୍ଚି କହିଲେ ତୁରନ୍ତ ଆପଣମାନଙ୍କ ମଧ୍ୟରୁ କେହିଜଣେ ନିଜ ପାଦଧୂଳି ନେଇ ଶ୍ରୀକୃଷ୍ଣଙ୍କ କପାଳରେ ଲେପନ କରିଦିଅନ୍ତୁ। ସେ ସୁସ୍ଥ ହୋଇଯିବେ। ଏଭଳି ଅସମ୍ଭବ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କଲା । ନିଜର ଆରାଧ୍ୟ ପରମ ପୂଜ୍ୟଙ୍କ କପାଳରେ ପାଦଧୂଳି ଜଣେ କେମିତି ଲଗାଇ ପାରିବ । ଏପରି ହେଲେ ନର୍କରେ ମଧ୍ୟ ଜାଗା ମିଳିବନି। ଏହା ଭାବି କେହି ବି ଏଭଳି ଦୁଃଶାସାହସିକ କାର୍ଯ୍ୟ କଲେନାହିଁ । ଫଳରେ ଶ୍ରୀକୃଷ୍ଣଙ୍କ ଶରୀର କ୍ରମେ ଅଧିକ ଖରାପ ହେବାକୁ ଲାଗିଲା । ଏକଥା ରାଧାରାଣୀଙ୍କ କାନରେ ପଡିଲା । ସେ ଦୌଡିଯାଇ ସେହି ସ୍ଥାନରେ ପହଞ୍ଚିଲେ ଓ ସବୁ କଥାଶୁଣିସାରି ନିଜ ପାଦ ଧୂଳି କୃଷ୍ଣଙ୍କ କପାଳରେ ଲଗାଇବାକୁ ଉଦ୍ୟତ ହୁଅନ୍ତେ ରୁକ୍ମିଣୀ ତାଙ୍କୁ ବାଧାଦେଇ କହିଲେ ଯାହାଙ୍କୁ ନିଜର ଆରାଧ୍ୟ ଭାବୁଛ ତାଙ୍କ ମସ୍ତକରେ ନିଜ ପାଦଧୂଳି ଲଗାଇ ନର୍କ ଯନ୍ତ୍ରଣା ଭୋଗିବାକୁ ଚାହୁଁଛ । ଉତ୍ତରରେ ରାଧାରାଣୀ କହିଲେ ଦେବୀ ମୋ ପରମପୂଜ୍ୟ ଶ୍ରୀକୃଷ୍ଣ ଥରେ ଖାଲି ସୁସ୍ଥ ହୋଇଯାଆନ୍ତୁ, ସେଥିପାଇଁ ମୁଁ ହଜାରେ ନର୍କ ଯନ୍ତ୍ରଣା ଭୋଗିବାକୁ ପ୍ରସ୍ତୁତ ଅଛି । ଏହାକହି ନିଜ ପାଦଧୂଳି କୃଷ୍ଣଙ୍କ କପାଳରେ ଲଗାଇଦେଲେ ଓ କୃଷ୍ଣ ସୁସ୍ଥ ହେଲେ । ଶ୍ରୀକୃଷ୍ଣ ରୁକ୍ମଣୀଙ୍କୁ କହିଲେ ଦେବୀ ଏବେ ବୁଝି ପାରିଲତ, ରାଧାରାଣୀ ଏବଂ ତୁମ ମଧ୍ୟରେ ଥିବା ପ୍ରେମରେ ପାର୍ଥକ୍ୟ କ'ଣ । ଏହାପରେ ରୁକ୍ମଣୀଙ୍କର ଆଉ କିଛି ବୁଝିବାର ନଥିଲା। ସେ ଜାଣି ସାରିଥିଲେ ଯେ, ସତ୍ୟ ପ୍ରେମ କେବଳ ତ୍ୟାଗ ଓ ସମର୍ପଣରେ ହିଁ ଥାଏ । ରାଧାରାଣୀ ଶକ୍ତି ହେଲେ ଶକ୍ତିମାନ ହେଉଛନ୍ତି ଶ୍ରୀକୃଷ୍ଣ। ଉଭୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଶ୍ରୀକୃଷ୍ଣଙ୍କ ପ୍ରେମର ଚରମ ଘନିଭୂତ ମହାଭାବ ହେଉଛନ୍ତି ଶ୍ରୀରାଧା ରାଣୀଙ୍କର। ଅର୍ଥାତ୍ ;

'ମହାଭାବ ସ୍ୱରୂପା
ଶ୍ରୀରାଧା ଠାକୁରାଣୀ
ସର୍ବ ଗୁଣ ଖନି କୃଷ୍ଣ
କାନ୍ତା ଶିରୋମଣି ।'

ପବିତ୍ର ରାଧାଷ୍ଟମୀ ଦିନ ଶ୍ରୀରାଧା ରାଣୀଙ୍କର ପାଦପଦ୍ମ ଦର୍ଶନ କଲେ ଧନ, ଜନ, ଗୋପ, ଲକ୍ଷ୍ମୀ ଓ ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏବୋଲି ହିନ୍ଦୁମାନଙ୍କର ଦୃଢ ବିଶ୍ୱାସ ରହିଛି ।

'ତପ୍ତ କାଞ୍ଚନ ଗୌରାଙ୍ଗୀ ରାଧେ
ବୃନ୍ଦାବନେଶ୍ୱରୀ
ବୃଷଭାନୁ ସୁତେ ଦେବୀ
ପ୍ରଣମାମୀ ହରି ପ୍ରିୟେ ।'

ଜୟ ଶ୍ରୀ ରାଧା ମାଧବ, ଜୟ ଶ୍ରୀ ରାଧାକୃଷ୍ଣ ନମୋ ନମଃ ।



# କୃଷି ବିଶ୍ୱବିଦ୍ୟାଳୟ ପାଇବାରେ ପୁଣି ପଛରେ ରହିଲା ବାଲେଶ୍ୱର

**ସୁବ୍ରତ କର**

ଏବେକାର ସରକାର କାହିଁକି ଆମ ଜିଲ୍ଲା ପାଇଁ ନିମୁଖ ହେଉଛନ୍ତି ବାରମ୍ବାର । ଗତ ୨୪ ବର୍ଷର ସରକାର ସେମିତି କିଛି ଦେଇ ନଥିଲେ ଏବେ ନୂଆ ସରକାର ମଧ ପ୍ରତି କ୍ଷେତ୍ରରେ ବୈମାତୃକ ଭାବ ଦେଖାଇବାର କାରଣ କଣ ହୋଇପାରେ ? ବାଲେଶ୍ୱର ବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପସନ୍ଦରେ ଆସୁ ନାହାନ୍ତି ନା ଜିଲ୍ଲାରେ ଟାଣୁଆ ରାଜନୈତିକ ନେତୃତ୍ୱର ଅଭାବ ? ଏ ପର୍ଯ୍ୟନ୍ତ ଏହି ଜିଲ୍ଲାକୁ ଶିଳ୍ପ, କୃଷି, ସ୍ୱାସ୍ଥ୍ୟ ବା ଶିକ୍ଷା କ୍ଷେତ୍ରରେ ସେମିତି କିଛି ଆଖି ଦୃଶିଆ ମିଳି ନାହିଁ । ବାଲେଶ୍ୱରରେ ଯାହା ଏ ପର୍ଯ୍ୟନ୍ତ ହୋଇଛି ସବୁକିଛି ଜନ ଆନ୍ଦୋଳନ ମାଧ୍ୟମରେ ଜୋର କରି ସରକାରଙ୍କ ପାଖରୁ ଛଡ଼େଇ ଅଣା ହୋଇଛି । ୟୁନିଭର୍ସିଟି ହେଉ ବା ମେଡିକାଲ କଲେଜ ବା ଏମସ୍‌ର ସେଟ୍‌ଲାଇଟ୍ ଡାକ୍ତରଖାନା ହେଉ । ଆନ୍ଦୋଳନ ମାଧ୍ୟମରେ ଏହି ସବୁ ଅନୁଷ୍ଠାନର ଜନ୍ମ । ଅନ୍ୟ ଜିଲ୍ଲାମାନଙ୍କ ପାଇଁ ସରକାର ଯାଚିକରି ଦେଉଛନ୍ତି । ଅନେକ ସ୍ଥାନରେ ଯେଉଁ ଅନୁଷ୍ଠାନ ସରକାରଙ୍କ ତରଫରୁ ଦିଆହୋଇଛି ବା ହେଉଛି ସେ ସ୍ଥାନ ସେହି ପ୍ରକାରର ଅନୁଷ୍ଠାନକୁ ଚଳେଇ ପାରିବ କି ନାହିଁ ସେ ବିଷୟରେ କୌଣସି ସର୍ଭେ ରିପୋର୍ଟ ନାହିଁ ବା ସର୍ଭେ କରିବାର ଦରକାର ମଧ ମନେ କରି ନାହାନ୍ତି । ଯେଉଁ ନେତାଙ୍କର ଯେତେ ତାକତ୍ ସେହି ଜିଲ୍ଲା ସେତେ ପାଇବ । ଏହାରି ଉପରେ ଆପଣମାନଙ୍କ ସମ୍ମୁଖରେ ଗୋଟାଏ ଉଦାହରଣ ରଖୁଛି । ଏବେ ଏବେ ସମ୍ବଲପୁରକୁ କୃଷି ବିଶ୍ୱ ବିଦ୍ୟାଳୟ ଦିଆଗଲା ଏବଂ ତା' ସହିତ ବଲାଙ୍ଗିର, ମୟୂରଭଞ୍ଜ ଜିଲ୍ଲାକୁ ଦୁଇଟି କୃଷି ମହାବିଦ୍ୟାଳୟ ଏବଂ ପ୍ରାୟ ସବୁଠୁ ଛୋଟ ଜିଲ୍ଲା ସୋନପୁରକୁ ମତ୍ସ୍ୟ ମହାବିଦ୍ୟାଳୟ । ଏବେ ଆସିବା ମାଛ ଚାଷର ସୋନପୁର ବା ବାଲେଶ୍ୱର ଜିଲ୍ଲା ସରକାରଙ୍କ ତରଫରୁ ବଛା ହେବା ଉଚିତ ଥିଲା । ମାଛ ଚାଷର ସମସ୍ତେ ସ୍ୱୀକାର କରିବେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବା କୃଷି ମନ୍ତ୍ରୀ ବାଲେଶ୍ୱର ଜିଲ୍ଲାରେ ମାଛ ଚାଷ ପାଇଁ ଯେଉଁ ପ୍ରକାରର ସୁବିଧା ସୁଯୋଗ ରହିଛି ସେ ପ୍ରକାରର ସୁବିଧା କଣ ସୋନପୁର ଜିଲ୍ଲା ଘୋଟାଇ ପାରିବ ? କଦାଚିତ ନୁହଁ । ତେବେ ବାଲେଶ୍ୱର ବଦଳେଇ ସୋନପୁରକୁ କାହିଁକି ବଛାହେଲା ? ତାର ମୂଳ କାରଣ ମନ୍ତ୍ରୀ ମହୋଦୟଙ୍କ ପୋଡ଼ଶୀ ଜିଲ୍ଲା ଏବଂ କ୍ଷମତାରେ ଥିବା ବେଳେ କିଛି କାହିଁକି ଦେଖାଇବା କାରଣ କ୍ଷମତା ଚାଲିଗଲା ପରେ ଲୋକେ ବହୁତ କିଛି କହିବେ । ଆମ ରାଜ୍ୟରେ ଏହା ଦ୍ୱିତୀୟ କଲେଜ ପ୍ରଥମ କଲେଜ ରଙ୍ଗେଇଲୁଣ୍ଡା ଠାରେ ଅବସ୍ଥାପିତ । କୃଷି କଲେଜ ମଧ ବଣ୍ଟା ହୋଇଛି ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ, ଧାନ ହେଉ ବା ଯେ କୌଣସି ଚାଷ ଆମ ଜିଲ୍ଲା ବଣ୍ଟା ଯାଉଥିବା ଜିଲ୍ଲାଠୁ ଆଗରେ ନା ପଛରେ ? ଜନସାଧାରଣ ମାନଙ୍କୁ ଦୁଃଖ ଲାଗିବା କଥା ଯେ ଆମ ଜିଲ୍ଲା କୃଷି ହେଉ ବା ମତ୍ସ୍ୟଚାଷରେ ଏକ ଅଗ୍ରଣୀ ଜିଲ୍ଲା ହୋଇ ମଧ ପଛରେ ପଡ଼ିଗଲା । ଏହାର ମୂଳ କାରଣ ହେଲା ଆମ ଜିଲ୍ଲା ପାଇଁ କେହି କହିବାର ନାହିଁ, ଏତେ ସବୁ ହେଲା ପରେ ମଧ କୌଣସି ରାଜନୈତିକ ନେତାଙ୍କ ପାଟିରୁ ପଦଟିଏ କଥା ବାହାରି ପାରିଲା ନାହିଁ । ଅନ୍ୟକୁ ଦୋଷ ଦେଇ ଲାଭ କଣ ? ଏ ପର୍ଯ୍ୟନ୍ତ ଆଖି ଦୃଶିଆ ଶିଳ୍ପ ସ୍ଥାପନ ହେଇ ପାରିଲା ନାହିଁ ବା ସରକାରୀ ସ୍ତରରେ କୌଣସି ଆଖି ଦୃଷିଆ ବୈଶୟିକ ଶିକ୍ଷା ପ୍ରତିଷ୍ଠାନ ହୋଇ ପାରିଲା ନାହିଁ କେବଳ ମେଡିକାଲ କଲେଜ ଛଡ଼ା । ଏବେ ବି ପ୍ରଚୁର ସମୟ ଅଛି ଜିଲ୍ଲାର ବା ଜିଲ୍ଲାବାସୀଙ୍କ ଭବିଷ୍ୟତ ଗଢ଼ିବା ପାଇଁ । ଏଥିରେ ଚଞ୍ଚ ହେଲେ ଆମର ଭବିଷ୍ୟତ ଆମର ନେତାମାନଙ୍କୁ କ୍ଷମା କରିବେ ନାହିଁ । ତଥାପି ଆମେ ଗର୍ବ କରୁ ଯେ ଆମ ଜିଲ୍ଲାରୁ ଦାଦନ ଖଟିବା ଲୋକ ବହୁତ କମ୍ ଅନ୍ୟ ଜିଲ୍ଲା ତୁଳନାରେ ।

## ସ୍ୱପ୍ନର ନାୟିକା

**ଚନ୍ଦନ କୁମାର ବେହେରା**

ତୁମେ ରୂପବତୀ, ଲାବଣ୍ୟବତୀ
ତୁମେ ମୋ ମନ ର ନାୟିକା
ଆମ୍ର ବିଭୂଷିତ ବାଣୀ ଲାଗେ ତମ
ସବୁ ଜନ୍ମେ ତମେ ହୁଅ ମୋ ପ୍ରେମିକା।

ଗୁଣେ ତମେ ଲକ୍ଷ୍ମୀ, କଣ୍ଠେ ବୀଣାପାଣି
ରୂପରେ ଲାଗ ମୋହିନୀ
କମଳ ବଦନୀ ମୁଖେ କୃଷ୍ଣଚୂଡ଼ା
ମନୋଲୋଭା ତମ ନୟନୀ ।

ବାଙ୍କ ଚାହାଣି ତୁମ ମୁରୁକି ହସ
ସତେ ମନ ନିଏ କିଣି
ଭାଗ୍ୟ କରିଥିଲେ ଏଇ ଜନ୍ମେ କିଏ
କରିବ ତା ପାଟରାଣୀ ।

ଲାଜ ଲାଜ ମୁଖ, କମଳ ପଦ୍ମ ରେ
ଯେବେ ଯାଉ ଥାଉ ଚାଲି
ମନ ବିଚଳିତ ଚକ୍ଷୁ ଅଶ୍ରୁଳିତ
ଯେବେ ଚାହିଁ ଦେଉ ବୁଲି ।

ମୁକୁଳା କେଶ ତୋ ଏତେ ମନଲୋଭା
ରମଣୀୟ ତମ ଅଧର
କର୍ଣ୍ଣେ କର୍ଣ୍ଣ ଫୁଲ ହସ୍ତେ ତୋ କୁଙ୍କୁମ
ପଦ୍ମେ ତୋ ନୂପୁର କି ମନୋହର ।

ମଥାର ଟିକିଲି ଲାଗେ ଚାନ୍ଦ ପରି
ମୁଖେ ହସ ପରିପୂର୍ଣ୍ଣା
ନୀଳ ନୟନା ତୁ ରୁପେ ଚାନ୍ଦ ପରି
ଲାଗେ ନାହିଁ କିଛି ଉଣା ।

ଯେତେ କରିଲେ ବି ସରୁନି ତୁମର
ପ୍ରଶଂସା
ତୁମେ ପରା ମୋ ସ୍ୱପ୍ନର ନାୟିକା ।

ଭିମ୍‌ସାର, ବୁର୍ଲା




## ତୁମପାଇଁ

**ରମାକାନ୍ତ ଦାସ**

ତୁମପାଇଁ ସାଇତି ରଖିଛି
ମୋ ପ୍ରେମ ସବୁକୁ
ଢଳ ଢଳ ସ୍ମୃତିଭରା ନୟନରେ
ତୁମ ଭାବନାରେ ବିଭୋର ହୋଇ
ମୁଁ ତୁମକୁ ଅନୁଭବ କରେ
ମୋ ପ୍ରତି ସ୍ପନ୍ଦନରେ ।

ତୁମପାଇଁ ମୁଁ ନିରବରେ ଭିଜେ
ତୁମ ପ୍ରେମର ପହିଲି ବର୍ଷାରେ
ତୁମର ସେ ମୃଦୁହସ , ମୃଦୁଭାଷ
ମୋପ୍ରତି ଥିବା ଭଲପାଇବାକୁ
ମୁଁ ନିତି ଖୋଜେ ମୋ ମନର ପଥଧାରେ।

ତୁମପାଇଁ ମୁଁ ହସେ
ତୁମପାଇଁ ମୁଁ କାନ୍ଦେ
ତୁମପାଇଁ ମୁଁ ଗଢିହୁଏ



ତୁମପାଇଁ ମୁଁ ଭାଙ୍ଗେ
ତୁମପାଇଁ ମୋ ଅଗଣିତ
ସ୍ୱପ୍ନସବୁ ମୁଁ ନିତି ସଜାଏ
ପାଗଳ ଚତାକଟିଏ ପରି
ମୁଁ ନିତି ତୁମପାଇଁ
ଅପେକ୍ଷା କରିଥାଏ ।

ନନ୍ଦିଗ୍ରାମ , ନାଉଗାଁ
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ପ୍ରତିଧ୍ୱନଶ କହେ

**ହେମନ୍ତ ସାହୁ**



ତୁମ ଭିତରେ ମୁଁ ଅଛି
ମୋ ଭିତରେ ତୁମେ ଅଛ ।
ହଁ,
ପ୍ରତିଧ୍ୱନୀ କହେ,
ତୁମେ ଅଛ ମୋର ଶବ୍ଦରେ
ମୁଁ ଅଛି ତୁମର ଶବ୍ଦାବଳିରେ,
ତୁମେ ଅଛ ମୋର ପ୍ରେମରେ
ମୁଁ ଅଛି ତୁମର ଭାବନାରେ,
ତୁମେ ଅଛ ମୋର ଶବ୍ଦରେ
ମୁଁ ଅଛି ତୁମର ଅର୍ଥରେ ।

ତୁମେ ଯଦି ନଦୀ ହୁଅ
ମୁଁ ହେବି ନଦୀର ସ୍ରୋତ,
ତୁମେ ଯଦି କିଛି ହେବ
ମୁଁ ହେବି ତୁମର ସବୁ କିଛି,
ତୁମେ ଯଦି ଫୁଲ ହେବ
ମୁଁ ହେବି ତୁମର ବାସ୍ନା ।

ହୃଦୟର ପ୍ରତ୍ୟେକ ଅଂଶ
ତୁମର ହେବାକୁ ଚାହେଁ,
ତୁମର ସବୁ ଦୁଃଖକୁ ନିଜର କରିବାକୁ
ଚାହେଁ
ତୁମେ କ'ଣ ମୋର ଦୁଃଖକୁ ନିଜର
କରିବାକୁ ଚାହଁ । ।

ରେଗଡ଼ା, କଳାହାଣ୍ଡି ପିନ
୭୬୬୧୦୨
ମୋ ୬୩୭୧୮୨୭୦୩୧

# ଗଳ୍ପ ମାଳା

ସାପ୍ତାହିକ ଗଳ୍ପ ଫର୍ଦ୍ଦ

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୧ ସେପ୍ଟେମ୍ବର ସୋମବାର, ୨୦୨୫


## ସମୟର ଧାରା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**





ଆଜିକାଲିର ଶିକ୍ଷକମାନେ କ'ଣ ସବୁ କହୁଛନ୍ତି କେଜାଣି । ଏଡେ ବକଟେ ପିଲାର ଏତେ ଦୁର୍ବଳତା ଦର୍ଶାଉଛନ୍ତି। ଏମାନଙ୍କ ଜୀବନ ବଞ୍ଚିବାର ଶୈଳୀ ମୋ ମୁଣ୍ଡରେ ପଶୁନି।

ଆଧୁନିକ ହେବାର ଅର୍ଥ କ'ଣ ଏୟା ? ଏହା କଣ ସମୟର ଆବଶ୍ୟକତା, ଛୋଟ ପିଲା ଉପରେ ଏପରି ବକ୍ତବ୍ୟ ଦିଆଯିବା ଉଚିତ୍ କି ? କ'ଣ ସବୁ କହୁଥିଲେ ତୁ ଆଉ ଆକାଶ ସରାଂଶକୁ ସମୟ ଦେଉନ। ଏହା କ'ଣ କଥାବାର୍ତ୍ତା କରିବା ଶୈଳୀ ? କିଏ କଣ ନିଜ ପିଲାଙ୍କୁ ଅବହେଳା କରେ? ତା ଛଡା ମୁଁ ଏଇ କ୍ୱାଲିଟି ଟାଇମ୍ କଥାଟି ଆଦୌ ବୁଝିପାରୁନି । ସରାଂଶ ପାଠପଢ଼ାରେ ପଛରେ ଅଛି କାରଣ ତା'ର ବାପାମା ତାକୁ ସମୟ ଦେଉ ନାହାନ୍ତି। ଅର୍ଥାତ୍ ସେମାନେ ତାକୁ 'ଗୁଣାତ୍ମକ ସମୟ' ଦେଉ ନାହାନ୍ତି। ତୁ ମୋତେ କହ ଶ୍ୱାତୀ ପ୍ରଥମ ଶ୍ରେଣୀରେ ପଢୁଥିବା ପିଲା ପଛରେ ପଡ଼ିବା କିମ୍ବା ପ୍ରଥମ ଆସିବାର କ'ଣ ଲାଭ ? ମୁଁ ଭାବୁଛି ସରାଂଶ ବହୁତ ପରିପକ୍ୱ। ଏତେ କମ୍ ବୟସରେ ସେ ଏତେ ବୁଦ୍ଧିମାନ। ଯଦି ତୁମେ ତା' ଉପରେ ଅଧିକ ବୋଝ ଲଦି ଦେବ ତେବେ ପିଲାଟିର ଚପଳତା ହଜିଯିବ।

ଗାୟତ୍ରୀ ଦେବୀ ସ୍କୁଲରୁ ବାହାରିବା ମାତ୍ରେ କହିବା ଆରମ୍ଭ କଲେ ଯେ ଲଗାତାର କହି ଚାଲିଲେ.... ।

'ମାମା, ତୁମେ କାହିଁକି ବିରକ୍ତ ହେଉଛ ?

ଗାଡ଼ିରେ ବସ, ମୁଁ ତୁମକୁ ଘରେ ଛାଡ଼ିଦେବି। ତା'ପରେ ମୁଁ ଅଫିସ୍ ଯିବି। ମୋର ଡେରି ହେଉଛି। ଯଦି ଆକାଶ ସହରରେ ଥାଆନ୍ତେ ତେବେ ସେ ପ୍ୟାରେଣ୍ଟେସ ମିଟିଂ ପାଇଁ ଆସିଥାନ୍ତେ। ଏହା କର୍ମଜୀବୀ ପିତାମାତାଙ୍କର ଦୁଃଖ ଯେ ସେମାନେ ସେମାନଙ୍କ ପିଲାମାନଙ୍କୁ ସମୟ ଦେଇ ପାରୁନାହାଁନ୍ତି। ଆମେ ସରାଂଶକୁ ଅଧିକ ସମୟ ଦେବାକୁ ଚେଷ୍ଟା କରିବୁ।' ଶ୍ୱାତୀଙ୍କ କଣ୍ଠସ୍ୱରରେ ଦୁଃଖ ଏବଂ ଦୋଷୀ ଭାବନା ଉଭୟ ପ୍ରତିଫଳିତ ହେଉଥିଲା।

'ଶ୍ୱାତୀ, ମୁଁ ମଧ୍ୟ ଚାରି ପିଲାଙ୍କୁ ପାଳନ କରିଛି। ମୁଁ ତୁମ ପରି କାମ କରିବାକୁ ବାହାରକୁ ଯାଇ ନଥିଲି, କିନ୍ତୁ ଘରର ସମସ୍ତ କାମ ନିଜେ କରୁଥିଲି। ମୋ ପାଖରେ ବି ସମୟ ନଥିଲା। ରୋଷେଇ କରିବା ଠାରୁ ଆରମ୍ଭ କରି କପଡା ଧୋଇବା, ଘର ସଫା କରିବା ଏବଂ ଚାକରାଣୀ ନ ଆସିଲେ ବାସନକୁସନ ଧୋଇବା, ବଜାରରୁ କିରାଣା ସାମଗ୍ରୀ ଆଣିବା, ବୁଣାବୁଣି , ସିଲାଇ, ଆଚାର ତିଆରି କରିବା, ପାପଡ଼, ବଡି, ସବୁକିଛି.... । ପୁଣି ସେଥିରେ ପ୍ରାୟ ପ୍ରତିଦିନ ଘରେ ବନ୍ଧୁ ବାନ୍ଧବ ସମ୍ପର୍କୀୟଙ୍କ ଭିଡ଼ । ଦେଖ୍ ତୁମେ ଭାଇ ଭଉଣୀମାନେ କେବେ ଅନୁଭବ କରିଥିଲ କି ମୁଁ କିମ୍ବା ତୁମ ବାପା ତୁମକୁ ସମୟ ଦେଉନାହାଁନ୍ତି ?

ପ୍ରକୃତରେ, ଆମେ ପ୍ରାୟତଃ ତୁମମାନଙ୍କ ସହିତ ଆସି ବସୁ ହସଖୁସି ହେଉ। ସେତେବେଳେ ଶାଶୁ ଏବଂ ଶ୍ୱଶୁରଙ୍କ ସାମ୍ନାରେ ପିଲାମାନଙ୍କୁ ବୁଲେଇ ନେବାକୁ ଲଜ୍ଜିତ ଅନୁଭବ କରୁଥିଲୁ। ତଥାପି, ତୁମେ ସମସ୍ତେ କେବେ ପାଠପଢ଼ାରେ ପଛରେ ପଡ଼ିଛ କି ? ଆଜି ତୁମେ ସମସ୍ତେ ସକ୍ଷମ। ତୁମେ କ'ଣ ଅନୁତାପ କରୁଛ ଯେ ମୁଁ କିମ୍ବା ତୁମର ବାପା କେବେ ତୁମକୁ ସମୟ ଦେଇନାହାଁନ୍ତି ?'

'ନା ମାମା, ତୁମେ ଦୁହେଁ ଆମକୁ ସମସ୍ତ ଖୁସି ଦେଇଛ, ଆମକୁ ପ୍ରତ୍ୟେକ ଦିଗରେ ଉନ୍ନତ କରିଛ। ଆମେ କେବେ ଅନୁଭବ କରିନୁ ଯେ ତୁମର ଆମ ପାଇଁ ସମୟ ନାହିଁ। କିନ୍ତୁ ଏବେ ସମୟ ବଦଳି ଯାଇଛି। ତୁମେ ଏହା ବୁଝିବା ଉଚିତ।' ଶ୍ୱାତୀ ଟିକିଏ ବିରକ୍ତ ହୋଇ କହିଲା।

ସେ ଅନୁଭବ କଲା ଯେ ସେ ତାଙ୍କ ମାମାଙ୍କୁ ପ୍ୟାରେଣ୍ଟ ମିଟିଂକୁ ଆଣି ଭୁଲ କରିଛି । ମାମା ତାଙ୍କ ସହିତ କିଛି ଦିନ ରହିବାକୁ ଆସିଥିଲେ। ସେ ତାଙ୍କୁ କୌଣସି ସ୍ଥାନକୁ ବୁଲେଇ ନେଇପାରିଲେନେ। ଏହି ବାହାନାରେ ସରାଂଶର ସ୍କୁଲ ଦେଖିବେ ବୋଲି ଭାବି ତାଙ୍କୁ ସ୍କୁଲକୁ ଆଣିଥିଲେ..... ହେଲେ.... ।

ସମୟ କ'ଣ ସବୁକିଛି ବଦଳାଇ ଦେଇଛି ? ହଁ, ଗୋଟିଏ ବର୍ଷ ପରେ, ପରବର୍ତ୍ତୀ ବର୍ଷ ନିଶ୍ଚିତ ଭାବରେ ଆସେ ଏହିପରି ଦୁନିଆ ଚାଲିଥାଏ। ପିଲା ବଡ଼ ହୁଏ, ତା'ପରେ ଯୁବକ ... ପିଲାଦିନ, ଯୌବନ, ବୃଦ୍ଧାବସ୍ଥା... ପିଢ଼ି ଏହିପରି ଗତି କରେ। ଯଦି ନୂଆ ଜିନିଷ ସହିତ ନୂଆ ଚିନ୍ତାଧାରା ବିକଶିତ ହୁଏ, ତେବେ ଏହାକୁ ପରିବର୍ତ୍ତନ କୁହାଯାଏ, କିନ୍ତୁ ବାପା ମାଙ୍କ ସ୍ନେହ ଶ୍ରଦ୍ଧା ଦାୟିତ୍ୱ ବଦଳି ଯାଏ କି ? ମା ର ପ୍ରସବ ଯନ୍ତ୍ରଣାରେ କୌଣସି ପରିବର୍ତ୍ତନ ଆସିଛି କି ? ଜଣେ ମା' ପିଲାକୁ ସ୍ତନ୍ୟପାନ କରାଇବାରେ କୌଣସି ପରିବର୍ତ୍ତନ ଆସିଛି କି ? ତୁ ମଧ୍ୟ ସାରାଂଶ କୁ ଜନ୍ମ ଦେବା ସମୟରେ ମୁଁ ଯେପରି କଷ୍ଟ ପାଇଥିଲି ସେହିପରି ପ୍ରସବ ଯନ୍ତ୍ରଣା ଭୋଗିଛୁ। ମୋତେ କହ, ମୁଁ କ'ଣ ଭୁଲ୍ କହୁଛି ?' ଗାୟତ୍ରୀ ଶ୍ୱାତୀ ମୁଣ୍ଡକୁ ଧୀରେ ଧୀରେ ସ୍ପର୍ଶ କଲେ ।

ଠିକ୍ ସେତେବେଳେ ମୋବାଇଲ୍ ବାଜିଲା। 'ଶ୍ୱାତୀ , ପିଟିଏମ୍‌ରେ କ'ଣ ହେଲା ? ସରାଂଶର କୌଣସି ଅଭିଯୋଗ ଅଛି କି ?' ଆକାଶ ପଚାରିଲେ।

'ସେହି ପୁରୁଣା କଥା। ସାରାଂଶ କୁ ସମୟ ଦେବା ବିଷୟରେ। ଆସନ୍ତା ଶନିବାର ଆମକୁ ଶିଶୁ ମନସ୍ତତ୍ତ୍ୱବିତ୍‌ଙ୍କୁ ଭେଟିବାକୁ ଡକାଯାଇଛି। ମୋର ଅଫିସ ଡେରି ହେଉଛି। ଆମେ ସନ୍ଧ୍ୟାରେ କଥା ହେବା।' ଶ୍ୱାତୀ କଲ୍ କାଟି ଦେଲା।

'ଗାୟତ୍ରୀ ଦେବୀ ଭାବିଲେ' ଏବେ ଏହି ମନସ୍ତତ୍ତ୍ୱବିତ୍‌ମାନେ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କୁ କିପରି ପାଳନ କରିବେ ତାହା ଶିଖାଇବେ। ପିତାମାତାଙ୍କଠାରୁ ଭଲ ଭାବରେ ଅନ୍ୟ କେହି କିପରି ଜାଣିପାରିବେ ସେମାନଙ୍କ ପିଲାକୁ କିପରି ପାଳନ କରିବେ ?' ଗାୟତ୍ରୀ ଘରେ ପହଞ୍ଚିବା ପର୍ଯ୍ୟନ୍ତ ଏ ବିଷୟରେ କିଛି ନା କିଛି କହି ଚାଲିଥିଲେ। ହୁଏତ ତାଙ୍କର ଚିନ୍ତା, ଦ୍ୱନ୍ଦ୍ୱ ତାଙ୍କୁ କହିବାକୁ ବାଧ୍ୟ କରୁଥିଲା।

ସେ ବାରମ୍ବାର ଭାବୁଥିଲେ ଯେ ସେ ପିଲାମାନଙ୍କୁ ମଧ୍ୟ ବଡ଼ କରିଥିଲେ ଏବଂ ସେମାନଙ୍କୁ ଭଲ ଶିକ୍ଷା ଦେଇ ସକ୍ଷମ କରିଥିଲେ ତାହା ମଧ୍ୟ ବହୁତ କମ୍ ସୁବିଧା ସହିତ। ତେବେ ଏବେ କିପରି ସେମାନଙ୍କୁ ବଡ଼ କରିବାର ଉପାୟ ବଦଳିଗଲା ?

ସାରାଂଶ ସ୍କୁଲରୁ ଫେରିଲାବେଳକୁ , ମୁହଁ ସମ୍ପୂର୍ଣ୍ଣ ଦୁଃଖିତ ଥିଲା। କିନ୍ତୁ ସେ ତା ଆଈଙ୍କ କୋଳକୁ ଆସିବା ମାତ୍ରେ ଖୁସି ହୋଇଗଲା। ଆଜିକାଲି ସେ ସ୍କୁଲରୁ ଆସିବା ପରେ ଆଈଙ୍କ ସହ କଥା ହେବା ପସନ୍ଦ କରେ। ଗାୟତ୍ରୀ ଆସିବା ପୂର୍ବରୁ ସହାୟୀକା ତାର ସମସ୍ତ କାମ କରନ୍ତି। ଏବେ ଆଈ ପାଖରେ ସାରାଂଶର ସବୁ କାର୍ଯ୍ୟ ହୁଏ। ସନ୍ଧ୍ୟାରେ ଗୃହକାର୍ଯ୍ୟ କରିବା ପାଇଁ ଚିନ୍ତିତ ହେଉଥିବା ସାରାଂଶକୁ ଦେଖି ଗାୟତ୍ରୀ ପୁଣି ରାଗିଗଲେ। 'ପ୍ରଥମ ଶ୍ରେଣୀର ପିଲାକୁ ଏତେ ଗୃହକାର୍ଯ୍ୟ କିଏ ଦିଏ ? ସେଥିରେ ପୁଣି ଟ୍ୟୁସନ୍ ଶିକ୍ଷକ ଆସି ପିଲାକୁ ପଢ଼ାଉଛନ୍ତି'।

ଶ୍ୱାତୀ କହିଲେ, ମାମା ଦୟାକରି ଟ୍ୟୁସନ୍ ଶିକ୍ଷକଙ୍କୁ କିଛି କହିବନି । ସେ ଯେପରି ପଢ଼ାଉଛନ୍ତି ସେପରି ତାଙ୍କୁ ପଢ଼ାଇବାକୁ ଦିଅ। ମୁଁ ଘରେ ପହଞ୍ଚିବା ବେଳକୁ ସାରାଂଶର ଶୋଇବା ସମୟ ହୋଇଯାଏ। ଆକାଶ ମଧ୍ୟ ଡେରିରେ ଘରକୁ ଫେରନ୍ତି ।'

ପରବର୍ତ୍ତୀ ଶନିବାର, ଯେତେବେଳେ ଶ୍ୱାତୀ ଏବଂ ଆକାଶ ମନସ୍ତତ୍ତ୍ୱବିତଙ୍କୁ ଭେଟି ଫେରିଲେ, ସେମାନେ ବହୁତ ଚିନ୍ତିତ ହୋଇଗଲେ। ଦୁହେଁ ବସି ପରସ୍ପର କଥା ହେଉଥିଲେ ଠିକ୍ ସେତିକିବେଳେ ସାରାଂଶ ସେମାନଙ୍କୁ କିଛି କହିବାକୁ ଆସିଲା।

ଆକାଶ କହିଲେ-

ତୁମେ ଏବେ ଯାଅ, ଆମେ କଥା ହେଉଛୁ ପରା, ତୁମେ ତୁମର ଖେଳଣା ସହିତ ଖେଳ।'

ବିଚରା ସାରାଂଶ ଚୁପଚାପ ଯାଇ ନିଜ ରୁମ୍‌ରେ ବସିପଡ଼ିଲା। ସାରା କୋଠରୀରେ ଖେଳଣା ବିଛାଡ଼ି ହୋଇ ପଡ଼ିଥିଲା, କିନ୍ତୁ ସେ ତାର ପ୍ରିୟ ଗାଡିଟା ପାଇଲାନି । ଶେଷରେ ସେ ଆଈଙ୍କୁ କାର ଖୋଜିବାକୁ କହିଲା। ଗାୟତ୍ରୀ ଦେଖିଲେ ଯେ କାରଟି ବିଛଣା ତଳେ ପଡ଼ିଯାଇଛି। କାର ଦେଖିବା ମାତ୍ରେ ସାରାଂଶ ଖୁସିରେ ପାପା, ମାମା ପାଖକୁ ଦୌଡିଲା , କିନ୍ତୁ ସେମାନେ ନିଜ କଥାରେ ମଗ୍ନ ହୋଇ ତା କଥା ଶୁଣିଲେ ନାହିଁ।

'ଗାୟତ୍ରୀଙ୍କୁ ବିରକ୍ତ ହୋଇ ପଚାରିଲେ,

ଶ୍ୱାତୀ , ତୁମର ମନସ୍ତତ୍ତ୍ୱବିତ୍ କ'ଣ କହିଲେ ?'

'ମାମା, ସମାନ କଥା। ଆମକୁ ସାରାଂଶ ସହିତ ସମୟ ବିତାଇବା ଉଚିତ। ଯଦି ଆମେ ଏବେଠାରୁ ତା ପାଠପଢ଼ାରେ ଧ୍ୟାନ ଦେବୁ, ତେବେ ସେ ଭବିଷ୍ୟତରେ କିଛି ହାସଲ କରିପାରିବ।'

ଆକାଶ କହିଲେ,

'ହଁ ମାମା ', ଏବେଠାରୁ ତାକୁ ପ୍ରସ୍ତୁତ କରିବାକୁ ପଡିବ ଯାହା ଦ୍ୱାରା ସେ ଜଣେ ସଫଳ ବ୍ୟକ୍ତି ହୋଇପାରିବ।' ତାଙ୍କ କଣ୍ଠରେ ଚିନ୍ତା ଥିଲା। 'ଏବେଠାରୁ, ଆମକୁ ସମୟ ଦେବାକୁ ପଡିବ। ଆମେ ଏବେ ଏହି ବିଷୟରେ କଥା ହେଉଥିଲୁ।'

'ହଁ ମାମା, ମୁଁ ଭାବୁଛି ଯେ ମୁଁ କିଛି ସମୟ ବାହାର କରିବି,ଆଉ ଆକାଶ ମଧ୍ୟ । ଆମେ ଅଲଗା ସମୟ ଦେବୁ। ମନସ୍ତତ୍ତ୍ୱବିତ୍ ମଧ୍ୟ ସେହିପରି କରିବାକୁ ପରାମର୍ଶ ଦେଇଛନ୍ତି।'

ସେମାନଙ୍କ କଥାବାର୍ତ୍ତା ଶୁଣି ଗାୟତ୍ରୀ ଗୋଟିଏ ପଟେ ରାଗିଗଲେ, କିନ୍ତୁ ହସିଲେ। 'ତୁମେ ଏତେ ଛୋଟ କଥା ପାଇଁ ଏତେ ଚିନ୍ତିତ ଯେ ଗୋଟିଏ ଘଣ୍ଟା ଏହା ବିଷୟରେ ଭାବିବାରେ ବିତାଇଲ। ଯଦି ତୁମେ ଏହି ଗୋଟିଏ ଘଣ୍ଟାରେ ସାରାଂଶ ସହିତ ଖେଳିଥାନ୍ତ, ତେବେ କେବଳ ଗୁଣାତ୍ମକ ନୁହେଁ ବରଂ ପରିମାଣରୁ ଅଧିକ ସମୟ ମଧ୍ୟ ବିତାଇଥାନ୍ତ। ଯୋଗ ଏବଂ ବିଯୋଗ କରି ସମୟ ବାହାର କରିବା କେତେ ଅଦ୍ଭୁତ। ଏବେ ତୁମେ ସମୟ ଦିଅ ପରେ ମୋର ପାଳି। ପିଲାମାନେ କ'ଣ ଏପରି ବଡ଼ ହୁଅନ୍ତି ?

ସାରାଂଶ ମଧ୍ୟ ଅନ୍ୟ ସାଧାରଣ ପିଲାମାନଙ୍କ ପରି,।

ସାରାଂଶ ଏ ଭିତରେ ତୁମ ଉଭୟଙ୍କ ପାଖକୁ ଅନେକ ଥର ଆସିଥିଲା, କିନ୍ତୁ ତୁମର ଧ୍ୟାନ ନାହିଁ। ଗୁଣନ ଏବଂ ଭାଗ କରି ସମୟ ବିତାଇବା ବିଷୟରେ କଥା ହେବା ପରିବର୍ତ୍ତେ, ତୁମ ପାଖରେ ଥିବା ସମୟ ସହିତ ବଞ୍ଚ, ତା'ହେଲେ ସମସ୍ତ ସମସ୍ୟା ଆପେ ଆପେ ଶେଷ ହୋଇଯିବ। ପିଲାମାନଙ୍କୁ ତୁମେ ଯେପରି ଗଢ଼ିବ ସେମାନେ ସେପରି ନିଜକୁ ଗଢ଼ିବେ। ତୁମ ପିଢ଼ି ଆରାମରେ ବଞ୍ଚିବା ଭୁଲିଯାଇଛ, କେବଳ ପୁସ୍ତକ ପଢ଼ି କିମ୍ବା ମନସ୍ତତ୍ତ୍ୱବିତ୍ ନିର୍ଦ୍ଦେଶରେ ପିଲାମାନଙ୍କୁ ବଡ଼ କରିବା ବିଷୟରେ ଚିନ୍ତିତ । ସେ ତୁମର ପିଲା, ତାକୁ ନିଜ ଇଚ୍ଛା ଅନୁସାରେ ବଡ଼ କର, ସ୍ନେହ ଦେଇ ଶାଶନ କର। ଚିନ୍ତା କରି ସମୟ ନଷ୍ଟ କରିବା ପରିବର୍ତ୍ତେ, ସେହି ମୁହୂର୍ତ୍ତଗୁଡ଼ିକୁ ବଞ୍ଚିବା ଶିଖ।'

ଶ୍ୱାତୀ ଏବଂ ଆକାଶ ପରସ୍ପରକୁ ଆଶ୍ଚର୍ଯ୍ୟରେ ଦେଖିଲେ, ଯେପରି ସେମାନେ ଚିନ୍ତାଧାରାରୁ ମୁକ୍ତ ହୋଇଛନ୍ତି। ସେମାନେ ସାରାଂଶର କୋଠରୀକୁ ଦୌଡ଼ିଲେ। ଉଭୟଙ୍କୁ ଦେଖି ସେ ହସି ଉଠିଲା। 'ଦେଖ, ମାଆ ପାପା, ମୁଁ କାରକୁ ଯୋଡି ଏକ ଟ୍ରେନ୍ ତିଆରି କରିଛି। ଏବେ ଏହା ଛୁକ୍ ଛୁକ୍ ଚାଲିବ। ସେ ଦୌଡ଼ିବା ଆରମ୍ଭ କଲା। ଏକ ଟ୍ରେନ୍ ପରି ଶ୍ୱାତୀ ଓ ଆକାଶ ତା ପଛରେ ଟ୍ରେନ୍‌ର ବଗି ଭାବରେ ଦୌଡୁଥିବା ଦେଖି, ଗାୟତ୍ରୀ ହସିଲେ। ତାଙ୍କର ଆଖିରୁ ଲୁହ ପୋଛି ସେ ମଧ୍ୟ ସେଇ ଟ୍ରେନ୍‌ର ଏକ ବଗି ହୋଇଗଲେ।


+ନୟାଗଡ଼
ମୋ: ୯୪୩୭୬୪୨୯୪୭


## ପରିବର୍ତ୍ତନ

**ପ୍ରଫୁଲ୍ଲ ବାରିକ**

ଆଗକଥା ଭିନ୍ନ । ଆଗରୁ କଣ ଇମିତି ହେଉଥିଲା ? ଏଣିକି ବୈଶାଖ ଆସିଲେ ବୁକୁ ଥରୁଚି । ଖରାତ ଚାଲିଛି ବଢ଼ିବଢ଼ି । ଖରା ସାଙ୍ଗକୁ ଯୋଡିଚି କାଳ ବୈଶାଖି । କାଳ ବୈଶାଖି କାଳହେଲାଣି ଜୀବନକୁ । ଦିନ ଗୋଟାଏ ଦୁଇଟା ଯାକେ କିଛି ନଥିବ । ଲୋକେ ଖରାବେଳେ ଘର ଭିତରେ ବିଶ୍ରାମ କରୁଥିବା ବେଳେ ଓହ୍ଲେଇ ଆସିବ ଖରାଆକାଶକୁ ବାଦଲ ଧାରେଯେ ଅନଉ ଅନଉ ମହୀ ଅନ୍ଧାର । ଆରମ୍ଭ ହେବ ବର୍ଷା ଟୋପାରୁ । କିଏ କୁଆଡେ ଧାଇଁ ସାଜସମାନ ଗୋଟାଉ ଥିବାବେଳେ ସୁରୁକିବ ପବନ । ଅନଉ ଅନଉ ବଢ଼ିଯିବ ଇମିତିଯେ ଗତି ଛୁଇଁବ ତତକ୍ଷଣାତ ଅଶୀ କି ନବେକୁ । ସେ ଦୁଃଖ ଉପରେ ମଝିରେ ମଝିରେ ବିଜୁଳି ଓ ଘଡଘଡି । ଶବ୍ଦରେ ତାବଦା ହେବ କାନ । ଲାଗିବ ଧରିତ୍ରୀ ଫାଟିଗଲାକି ଆଉ । କେତେକି ? ଅଧ ଘଣ୍ଟାରୁ ଘଣ୍ଟାଏ । ତା ପରେ ଅବସ୍ଥା ସ୍ୱାଭାବିକ । ଆକାଶ ସିନା ଫେରିବ ସ୍ୱାଭାବିକତାକୁ, ସେଇ ଘଣ୍ଟାଏ ତାଣ୍ଡବର ଦୃଶ୍ୟରେ ଥରିଯିବ ଛାତି । ଗଛରେ ନଥିବ ପତ୍ର । ମହାମହା ଦାରୁ ହେଇଥିବେ ଧରାଶାୟୀ। ପିଢାରେ ନଥିବ ଛଣ କି ରାସ୍ତା ନଥିବ ପାଦଟିଏ ପକେଇବାକୁ ଆଗକୁ । ପରଦିନ ଖବର କାଗଜରେ ସମ୍ବାଦ ମିଳିବ ଅମୁକ ଜାଗାରେ ବଜ୍ରପାତରେ ଟଳିପଡିଲେ ଏତେଜଣ। ଏଣିକି ଆକାଶରେ ବାଦଲ ଦେଖୁଦେଖୁ ଲୋକେ ଘରମୁହାଁ ଧାଉଁଛନ୍ତି ଜୀବନ ବିକଳରେ।

ସେମିତି ଘଟଣା ଆଜି । ଶୁଣୁଥିବା କଥା ଉଭାହେଲା ସାମ୍ନାରେ ରୁପନେଇ। ଅପରାହ୍ନ ଠିକ ଦି'ଟା ବେଳକୁ ଅନ୍ଧାର ହେଇଗଲା ଆକାଶ । ଯିମିତି ଦିନକୁ ଓହ୍ଲେଇ ଆସିଲା ରାତି । ସୁଧାକର ବାବୁ ନଥାଆନ୍ତି ଘରେ । ଶୋଇଥାଏ ସୁବ୍ରତ । ସାବିତ୍ରୀ ବସି ବାସନ ମାଜୁଥାଆନ୍ତି । ଆସିଲାଯେ ବର୍ଷା ସାଙ୍ଗକୁ ପବନ ବାସନକୁସନ ପକେଇ ଦେଇ ସାବିତ୍ରୀ କବାଟ ଦେଇ ପଶିଲେ ଘରେ । ଚାଲିଲା ପାଖାପାଖି ଘଣ୍ଟାଏ ତାଣ୍ଡବ । ଯିମିତି ଧରିତ୍ରୀ ଆକାଶର ଚାଲିଛି ମହାସମର । ମଝିରେ ମଝିରେ ହେଇ ଯାଉଛି ଆଲୁଅ । ଆଲୁଅ ପଛକୁ ଶବ୍ଦ । ଲାଗୁଚି ଫାଡିପଡିଲାକି ଧରିତ୍ରୀ ଛାତି । ଘର ଭିତରେ ଥାଇବି କଳିଜା ଥରୁଚି ।

ଯିମିତି ଆସିଥିଲା ସିମିତି ଛାଡିଗଲା ହଠାତ । ଆକାଶ ହେଇଗଲା ସୁନାପିଲା ।



ଶାନ୍ତ ସୁଧୀର । ଲୋକମାନେ ଘରୁ ବାହାରି ଦେଖିଲେ ଦୃଶ୍ୟ । ନ ଥିଲା କିଛି । ଯିମିତି ଦଳେ ପାଗଳ ହାତୀ ପ୍ରଳୟ ରଚି ଚାଲି ଯାଇଛନ୍ତି ।

ସାବିତ୍ରୀଦେବୀ ବାରିକବାଟ ଖୋଲିଲେ ଆସ୍ତେକରି ଦେଖିବାକୁ ଅବସ୍ଥା । ଯିମିତି ଖୋଲିଛନ୍ତି ଚମକି ପଡିଲେ । ବାରି ଦୁଆରେ ଠିକ ପ୍ରଥମ ପାହାଚରେ ବିରାଟ ଗୋଟେ ପକ୍ଷୀ । ଡେଣା ମେଲେଇ ପଡିଛି ଚିତ୍‌ପାତ ହେଇ । ଏତେବଡ ପକ୍ଷୀ ସେ ଦେଖି ନଥିଲେ ଆଗରୁ ଏତେ ପାଖରୁ । ଶାଗୁଣା ହବ କି କ'ଣ ଭାବି କବାଟ ଦେଇ ଡାକିଲେ ପୁଅକୁ । ସୁବ୍ରତ ଯାଇ ଦେଖେତ ଗେଣ୍ଡାଳିଆଟା । ପଡିଛି ମାଲାପରି । ଜୀବନ ଅଛି କି ନାଇଁ ଜଣା ପଡୁନି । ବୋଉକୁ ସାହାସ ଦେଇ ସୁବ୍ରତ କହିଲା, ଗେଣ୍ଡାଳିଆଟା । ଦେଖିନୁ ଆଗରୁ ? ପବନ ବର୍ଷା ତୋଡରେ ପଡିଛି ଆସି । ସୁବ୍ରତ ଡାଙ୍ଗ ଖଣ୍ଡିକରେ ତାକୁ ଓଲଟେଇ ଦେଖିଲା ପକ୍ଷୀର ଅଛି ଜୀବନ । ବୋଉ ଜାଣିବା ପରେ କହିଲେ ତାକୁ ଆଣି ଘରେ ଗୋଟେ ପାଛିଆ ଢାଙ୍କି ରଖ । କୁକୁର କି ବିଲେଇ ଦେଖିଲେ ସାରିଦେବେ । ସୁବ୍ରତ ସେଇଆ କଲା । ଅନୁମାନ କଲା ମାଂସ ପାଖାପାଖି ଅଧକିଲୋ ଉପରେ । ବୋଉକୁ କହିଲା ଆଜି ରାତିକୁ ଉତ୍ତମ ଭୋଜନଟିଏ ହେବ ବାପାଙ୍କର ମୋର । ଆଉଟିକେ ପରେ ଆରମ୍ଭ କରିଦେବି କର୍ମ । କମ ପକ୍ଷୀ ବାହାରିବକି । ଆକାଶରେ ଉଡୁଥିବା ବେଳେ ଦିଶନ୍ତି ଏଡୁଟିଏ । ଏବେ ପାଖରେ କି ବୀରାଟ ! ଅଣ୍ଟ ଯିମିତି ଖଣ୍ଡା । ବୋଉ କହିଲେ ତୋତେ ଆଉ କିଛି ମିଳୁନି ଖାଇବାକୁ ଆହତ ପକ୍ଷୀଟାକୁ କରିବୁ ଉଦରସ୍ଥ ? ଅଧର୍ମ ହେବ । ପାପ ମୁଣ୍ଡେଇବୁ । ସୁବ୍ରତ ନଛୋଡବନ୍ଧା । କେବେଠୁ ଚାହିଁଛି ଗେଣ୍ଡାଳିଆ ମାଂସ ଖାଇବାକୁ । ପାଇ ନଥିଲା । ଆଜି ସୁଯୋଗ ଯେବେ ହାତରେ, ଛାଡିବା ବୋକାମି ହେବ । ସୁବ୍ରତ କହିଲା, ତୋ ପାପ ପୁଣ୍ୟ ରଖ ବୋଉ । ଆଜି ଆମର କଚେ ପ ବାର । ଯମିଯିବ ଆମ ବାପ ପୁଅଙ୍କର । ବୋଉ ବୁଝେଇଲେ, ଦେଖ ସୁବ, ତାକୁ କଣ ଆଉ କୋଉଠି ମିଳୁ ନଥିଲା ଜାଗା ପଡିବାକୁ ? ଆମରି ଦୁଆରେ ଆସି ପଡିଲା କାଇଁକି ? ସିଏ ପଡିନି, ତାକୁ ପକେଇଛନ୍ତି ଧର୍ମ । ଏଥିପାଇଁକି ଆମ ଶୁଶ୍ରୁସାରେ ଜୀବଟି ବଂଚିବ । ଶରଣାଗତକୁ ହତ୍ୟା କରିବା ମହାପାପ । କ'ଣ କହୁଚୁ ବୋଉ ? ବିରକ୍ତିରେ ପଚାରିଲା ସୁବ୍ରତ । ଶୁଣ, ବୋଉ ବୁଝେଇଲେ ସୁବ୍ରତକୁ, ଉଣେଇଶ ଅନେଶତର କଥା । ହେଇଥିଲା ମହାବାତ୍ୟା । ତୁ ଜନ୍ମ ହେବାର ଆଉ । ଆଜିପରି ଗାଁ ସାରା ନଥିଲା କୋଠାଘର । ଗୋଟେ ଯୋଡେକୁ ଛାଡି ସମସ୍ତଙ୍କର ଚାଳ ଛପର କାଂଥଘର । ବାତ୍ୟା ପରର ଦୃଶ୍ୟ ଦେଖି ନହେଲାଭଳି । କୋଠା ଦି'ଘରକୁ ଛାଡି ଆଉସବୁ ଧରାଶାୟୀ । କାଂଥସହ ଚାଳ । ଲୋକେ ଆଶ୍ରୟ ନେଇଥାନ୍ତି ସେଇ କୋଠା ଘରେ ଗୁଂଜିଗାଞ୍ଜି ହେଇ । ଗାଁ ଗୋଟାକର ମଣିଷ । ସବୁଠାରୁ ଆଶ୍ଚର୍ଯ୍ୟ କଥା କଣ ଜାଣୁ ? ଆମରି ଘରଟି ଥାଏ ଅକ୍ଷତ । ଆମରବି ଥାଏ ଚାଳଘର। କିମିତି ରହିଲା ଅକ୍ଷତ ଆମେ ଭାବି ପାରିଲୁ ନାହିଁ । ଈଶ୍ୱର ଘଣ୍ଟ ଘୋଡେଇ ରଖିଲେ ଆମକୁ । ଗର୍ଭରେ ଧରି ତୋତେ ମୁଁ ଯାଇଥାନ୍ତି କୋଉଠିକୁ ବର୍ଷା ପବନରେ ? ସବୁ ସେଇ ଲୀଳାମୟଙ୍କ ଇଛା । ସେବେଠୁ ମୁଁ ପ୍ରତିଜ୍ଞା କରିଛି ବିପଦ ଉପରେ କାହାକୁ ବିପଦ ଦେବିନି । ପାରିବିତ ସାଧ୍ୟମତେ ସାହାଯ୍ୟ କରିବି । ପକ୍ଷୀଟା କାତିରି ଯାଇ ଥରୁଚି । କପଡା ଦେଉଛି ନିଏ । ତାକୁ ପୋଛିପାଛି ଦିଏ । ସିଏ ସୁସ୍ଥ ହେଇଯିବ । ଭଗବାନ ତୋ ପ୍ରତି ଦୟାବାନ ହେବେ । ପକ୍ଷୀ ବଂଚିଗଲେ ତୋତେ ଆଶୀର୍ବାଦ କରିବ ।

ବୋଉର କଥାରେ ସୁବ୍ରତ ମଥାରୁ ଓହ୍ଲେଇଗଲା ମାରି ଖାଇବାର ନିସା । ତା ଜାଗାରେ ମନକୁ ଛୁଇଁଲା ପକ୍ଷୀଟି ପ୍ରତି ଦୟା । କପଡା ଖଣ୍ଡିକରେ ତା ଦେହକୁ ପୋଛି ପୁଣି ଢାଙ୍କିଦେଲା ପାଛିଆରେ ।

ପରଦିନ ବିଛଣା ଛାଡିଲା ସୁବ୍ରତ ଡେରିରେ । ଯାଇ ଦେଖେତ ପାଛିଆ ପଡିଛି,ପକ୍ଷୀ ନାହିଁ । ପାଟିକରି ଡାକି ଦେଖେଇଲା ବୋଉକୁ । ସ୍ମିତହସି ବୋଉ କହିଲେ, ମୁଁ କହୁଥିଲିନା ଶୁଖିଗଲେ ସେ ଉଡିଯିବ । ସକାଳୁ ଆସି ମୁଁ ଯିମିତି ଟେକି ଦେଇଚି ପାଛିଆକୁ ଡେଣା ଝାଡ଼ି ସେ ଉଡ଼ିଗଲା । ତା ଉଡାଣରୁ ଜଣାପଡୁଥିଲା ସିଏ ସମ୍ପୂର୍ଣ୍ଣ ସୁସ୍ଥ ଓ ଆନନ୍ଦିତ।

ସୁବ୍ରତର ଆଖି ବୁଲୁଥିଲା ଆକାଶରେ । ବୋଧେ ଖୋଜୁଥିଲା ପକ୍ଷୀଟିକୁ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫


## ପରିଚୟ

ମନ୍ଦିରର ଭିଡ ଭିତରେ ଅଣନିଶ୍ୱାସୀ ହୋଇ ପଡ଼ିଥିବା ମାଉସୀ ଜଣଙ୍କୁ ହାତ ଧରି ସ୍ନେହା ବାହାରକୁ ଆଣିବା ପରେ ଅନେକ ଆଶୀର୍ବାଦ ଦେଇ ପଚାରିଲେ 'ଝିଅ ତୁମ ଘର କେଉଁଠି ? 'ବାରିପଦା.. ତତକ୍ଷଣାତ ସ୍ନେହା ପାଟିରୁ ବାହାରିଆସିଲା । ଶାଶୁ ଘରେ କିଏ କିଏ ଅଛନ୍ତି ? ଏବେ ସେ ବୁଝିଲା ମାଉସୀ ତା ଉତ୍ତରକୁ ଭୁଲ ଅର୍ଥରେ ନେଇଛନ୍ତି କିମ୍ବା ସେ ତାଙ୍କ ପ୍ରଶ୍ନକୁ ଠିକରେ ବୁଝିନି । ବିବାହ ପରେ ନିଜ ଘରର ପରିଚୟକୁ ନେଇ ଦ୍ୱନ୍ଦ ସେ ପ୍ରଥମଥର ଅନୁଭବ କରୁଥିଲା। ସାମାନ୍ୟ ଅପ୍ରସ୍ତୁତ ହେଇ କିଛି କହିବାକୁ ଯାଉଛି ଶାଶୁ ଆସି ପହଂଚି ଗଲେ। ମୁଁ ପା ତା ଶାଶୁ । ମାଉସୀ ଜଣକ ଏଥର ଶାଶୁଙ୍କୁ ଚିହ୍ନିପାରି ବହେ ହସିଲେ । 'ଆରେ ଲତା ଦିଦି, ଯେ ତୁମ ବୋହୁଟି ! ମୁଁ କାହିଁ ଚିହ୍ନିବି। ବାହାଘରକୁ ଡାକିଥିଲ ଯେ,କଉ ଆସିପାରିଲି.. ଝିଅ ଘରକୁ ବାଙ୍ଗାଲୋର ମାସେ ପାଇଁ ଯାଇ ଛ ମାସରେ ଆସିଲି । ଯାହେଉ ବୋହୁଟି କିନ୍ତୁ ଭଲ କରିଛ । ହଉ ଘର ଆଡେ କେବେ ଆସ.., କଥା ହେବା । ଶାଶୁଙ୍କ ସମ୍ମତି ପରେ କିଛି ସମୟ ହସଖୁସିର କଥା ହେଇ ମାଉସୀ ତାଙ୍କଠୁଁ ବିଦାୟ ନେଲେ । ସ୍ନେହାବି ମନେ ମନେ ଖୁସି ହେଲା ଯାହେଉ, ସାମାନ୍ୟ କଥା ହେଲେବି ଶାଶୁ ଆସି ପରିସ୍ଥିତିକୁ ସମ୍ଭାଳି ନେଲେ।

ବାହାଘର ମାସେ ଭିତରେ ଶାଶୁ ଆଖ ପାଖ ଯେତିକି ମନ୍ଦିର ଦେବୀ ପୀଠ ସବୁ ସ୍ନେହାକୁ ଦେଖେଇ ସାରିଲେଣି । ପୁଅ ତ ନାସ୍ତିକ ହେଲା ଅନ୍ତତଃ ବୋହୁ ଈଶ୍ୱର ବିଶ୍ୱାସୀ ହେଉ। ନହେଲେ ପରବର୍ତ୍ତୀ ପିଢ଼ି ନିଜ ଧର୍ମ ସଂସ୍କୃତିଠୁ ଦୁରେଇ ଯିବେ। ଶାଶୁଙ୍କ ଇଚ୍ଛାକୁ ସ୍ନେହା ବି ସମ୍ମାନ ଦିଏ।' ନେ ଏଇ ଜୋତା ହଳକ ପିନ୍ଧି ପକା... ବଜାର କାମ ସାରି ଘରେ ପହଂଚିବାକୁ ଆହୁରି ଦୁଇ ତିନି ଘଣ୍ଟା । ଏବେ ପାଇଁ ତ କାମ ଚଳିଯିବ, ମନ୍ଦିର ପ୍ରାଙ୍ଗଣରୁ ବାହାରୁ ବାହାରୁ ଶାଶୁ କହିଲେ। ସ୍ନେହା ଆଶ୍ଚର୍ଯ୍ୟ ହେଇ ଶାଶୁଙ୍କୁ କିଛି ସମୟ ଚାହିଁଲା। ମାସଟେ ମାତ୍ର ହେଇଛି ତାକୁ ଏଠି କିନ୍ତୁ ତାର ପ୍ରତ୍ୟେକ ସୁବିଧା ଅସୁବିଧା ପ୍ରତି ଶାଶୁ ଖୁବ ଯତ୍ନଶୀଳ। ଘରୁ ଆସିବା ବେଳେ ତାର କୌଣସି ଧାରଣା ନଥିଲା ନୂଆ ନୂଆ ଶାଢ଼ୀ ପିନ୍ଧା ପାଦକୁ ହାଏ ହିଲ ଅସୁବିଧା କରିବ ବୋଲି। କିନ୍ତୁ ଶାଶୁ ଠିକ ଲକ୍ଷ୍ୟ କରିଛନ୍ତି, ତେଣୁ ତରବରରେ ହେଉ ପଛେ କାମଚଳା ନରମ ଜୋତା ହଳେ କିଣିଆଣିଲେ ପୂଜା ସାରି ।

ମନ୍ଦିର ଦର୍ଶନ ସାରି, ଅନ୍ୟାନ୍ୟ କାମ ପାଇଁ ବଜାରରେ ଦୁଇ ଘଣ୍ଟା ଚାଲିବା ବେଳେ ସ୍ନେହା ଭାବୁଥିଲା ସତରେ ଯେଉଁ କଥା ସେ ନିଜେ ଭାବିନଥିଲା ଶାଶୁ ତାକୁ ଅନୁଭବ କରି ସମାଧାନ ବି କରିଦେଲେ । ଘରକୁ ଫେରିବା ପାଇଁ କାରରେ ବସିଲା ବେଳେ ଭାବପ୍ରବଣ ସ୍ନେହାର ଛଳଛଳ ଆଖି ଦେଖି ଶାଶୁ କହିଲେ 'ତୋ ହୃଦୟଟି ସେତିକି ଭଲ ବୋଲି ତୁ ଅନୁଭବ କରିପାରୁଛୁ.. ନହେଲେ ପାରସ୍ପରିକ ସମ୍ପର୍କକୁ ସ୍ନେହ ଶ୍ରଦ୍ଧାର ଡୋରିରେ ବାନ୍ଧିବାକୁ ସର୍ବସ୍ୱ ତ୍ୟାଗ କଲେବି ବୁଝିବା ଲୋକ ନଥାନ୍ତି' ! ସ୍ନେହା ଶାଶୁଙ୍କ କାନ୍ଧକୁ ଆଉଜି ଭାବୁଥିଲା 'ବିବାହ ତା ପରିଚୟକୁ ନେଇ ଦ୍ୱନ୍ଦ ନୁହେଁ ବରଂ କିଛି ନୂଆ ସମ୍ପର୍କ, ସୁରକ୍ଷା ଓ ଆନ୍ତରିକତା ଦେଇଛି ।




**ସୁଚରିତା ବେହେରା**
ଫ୍ଲାଟ ନମ୍ବର -ଏଲ ୭୦୨
ଜସ୍ମିନ ଗ୍ରୋଭ, ଗାଜିଆବାଦ
ଫୋନ-୭୯୭୬୪୯୮୨୩୪

# ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ




ବାରିପଦା , ୩୧/୦୮ (ନି.ପ୍ର): ସ୍ଥାନୀୟ ରୋଟାରୀ କ୍ଲବ ସମ୍ମିଳନୀ କକ୍ଷରେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ତଥା ରୋଟାରୀ କ୍ଲବର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଓ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ଆବାହକ ବିମଳ କୁମାର ଆଚାର୍ଯ୍ୟ, ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ରାଜ୍ୟ ସଂଯୋଜକ ଯାମିନୀକାନ୍ତ ପଣ୍ଡା, ଜିଲ୍ଲା ସଂଯୋଜକ ହରେକୃଷ୍ଣ ବାରିକ, ଉପଦେଷ୍ଟା ସୋମନାଥ ସିଂହ, ଗଣମାଧ୍ୟମ ସଂଯୋଜକ ଗଦାଧର ନାୟକ, ବରିଷ୍ଠ ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି, ସମାଜସେବୀ ଅମର କୁମାର ସେଠି ଓ ଡଃ ନିରୋଜ କୁମାର ପୋଥାଳ, ରୋଟାରୀ କ୍ଲବର ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ସଦସ୍ୟ ସୁନିତ ପୁରୀ ଓ ମୋହନ ବର୍ଣ୍ଣୱାଲ ପ୍ରମୁଖ ଉପସ୍ଥିତ ଥିଲେ ଓ ପରବର୍ତ୍ତୀ ସମୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମଥର ପାଇଁ ସଙ୍ଘ ତରଫରୁ ଆୟୋଜିତ ଏହି ଶିବିରରେ ୪ ଜଣ ଶିକ୍ଷୟିତ୍ରୀ, ବାରିପଦା ବି ଆର ସି ସି ତପସ୍ୱିନୀ ଦାଶଙ୍କ ସମେତ ମୋଟ ୩୫ ଜଣ ରକ୍ତଦାନ କରିଥିଲେ । ବରିଷ୍ଠ ଶିକ୍ଷକ ନେତା ହରେକୃଷ୍ଣ ବାରିକ, ସୋମନାଥ ସିଂହ, ଗଦାଧର ନାୟକ, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ କୁମାର ନାଥ, ସୌମ୍ୟ ଦାଶ, ଅଜୟ ମହାପାତ୍ର, ସୁବୋଧ ଦାସ, ସୁଶୀଲ କୁମାର ପଣ୍ଡା, ଧନପତି ମିଶ୍ର, ଶିବ ନାରାୟଣ ମହାନ୍ତ ରକ୍ତଦାନ କରିବା ସହ ଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଶିକ୍ଷକ ଭବେଶ ପାଣିଗ୍ରାହୀ, ବୀରେନ୍ଦ୍ର ମଢେଇ, ସୁବୀର ପରିଡା, ରାଜେନ୍ଦ୍ର ମହାନ୍ତ, ଗୌର ଗୋପାଳ ଲେଙ୍କା, ସପନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଃ ଅସୀମ କୁମାର ଚକ୍ରବର୍ତ୍ତୀ ଶିବିର ପରିଚାଳନା କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗୃହିତ ହୋଇଥିଲା ।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ ମାଷ୍ଟର ଟ୍ରେନରମାନଙ୍କ ପାଇଁ ରାଷ୍ଟ୍ରୀୟ କର୍ମଯୋଗୀର ବୃହତ୍ ଜନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଉରକେଲା, ୩୧/୦୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ଅଗଷ୍ଟ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନ ସେବା କାର୍ଯ୍ୟକ୍ରମର ସାମର୍ଥ୍ୟ ଗଠନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାର ଉଦଯାପନୀ ଅଧିବେଶନରେ ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚଆର ଏଲ ଏଣ୍ଡ ଡି ବିଭାଗର ସିଜିଏମ ଶ୍ରୀ ପି କେ ସାହୁ ମଧ ମଞ୍ଚାସୀନ ଥିଲେ। ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କାରୀଙ୍କ ସହ ମତବିନିମୟ କରିବା ସହିତ ସେମାନଙ୍କର ମତାମତ ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, କାରଖାନାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇଥିଲା ଯେଉଁମାନେ ସମ୍ପୃକ୍ତ ବିଭାଗର କର୍ମଚାରୀମାନଙ୍କୁ ତାଲିମ ଦେବେ।




ଏହି ଅବସରରେ ଶ୍ରୀ କୁମାର ନିଜର ଅଭିଭାଷଣରେ ଏକ ପ୍ରତିକ୍ରିୟାଶୀଳ, ଦକ୍ଷ ଏବଂ ନାଗରିକ-କେନ୍ଦ୍ରିକ କର୍ମଶକ୍ତି ଗଠନରେ ରାଷ୍ଟ୍ରୀୟ କର୍ମଯୋଗୀ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ ନୂତନ ତାଲିମପ୍ରାପ୍ତ ମାଷ୍ଟର ଟ୍ରେନରମାନଙ୍କୁ ନିରନ୍ତର ଶିକ୍ଷା, ଦଳଗତ କାର୍ଯ୍ୟ ଏବଂ ସେବା ପ୍ରଦାନ ଉତ୍କର୍ଷତାର ମନୋଭାବକୁ ଆଧାର କରି ପରିବର୍ତ୍ତନର ଉତ୍ପ୍ରେରକ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

ପୂର୍ବରୁ, ଶ୍ରୀ ସାହୁ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିବା ସହିତ ଏଥିରେ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରତିବଦ୍ଧତା ଏବଂ ଉତ୍ସାହର ସହ ଏହି ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ଉତ୍ସାହିତ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ, ଏହି ବୃହତ୍ ପଦକ୍ଷେପର ସଫଳତା ତୃଣମୂଳ ସ୍ତରକୁ ତାଲିମ ପ୍ରଦାନ କରିବାରେ ମାଷ୍ଟର ପ୍ରଶିକ୍ଷକମାନଙ୍କ ସକ୍ରିୟ ଭୂମିକା ଉପରେ ନିର୍ଭର କରେ ।

ଏହି କାର୍ଯ୍ୟକ୍ରମରେ ଏମଟିଆଇ ସିଏଚଆରଡି ବିଭାଗ ର ଜି ଏମ ଶ୍ରୀ ଜେ ଏନ ହେମ୍ବ୍ରମ, ଏବଂ କେଆଇଓଏମ ର ଡିଜିଏମ ଶ୍ରୀ ଆର ବିଶ୍ୱାସ, ଅଧାପକ ଥିଲେ।

ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ପେଡଗଗ୍ ଆପ୍ ବ୍ୟବହାର କରି ଇଣ୍ଟରାକ୍ଟିଭ୍ ଶିକ୍ଷଣ ପଦ୍ଧତି ଗ୍ରହଣ କରାଯାଇଥିଲା ଯାହା କର୍ମଚାରୀଙ୍କ କାର୍ଯ୍ୟ ସହିତ ଓତପ୍ରୋତ ଭାବେ ସମନ୍ୱିତ ଅଟେ। ଆୟୋଜିତ ଅଧିବେଶନଗୁଡ଼ିକରେ ସ୍ଥିତିଗତ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା ଯେଉଁଥିରେ ଅଂଶଗ୍ରହଣ କାରୀମାନେ ସାମୂହିକ ଭାବରେ ସେମାନଙ୍କର କାର୍ଯ୍ୟ ପଦ୍ଧତିକୁ ଉନ୍ନତ କରିବା ସହିତ କର୍ମଯୋଗୀ କାର୍ଯ୍ୟ ଶୈଳୀ ଗ୍ରହଣ କରିବା ପାଇଁ ଉପାୟଗୁଡ଼ିକ ଉପରେ ଅନୁଧ୍ୟାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଟିମ ଡିଜାଇନ୍ ଅଭ୍ୟାସ ମଧ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ବର୍ତ୍ତମାନର ଭୂମିକା ତଥା ନିଜନିଜ ବିଭାଗରେ ସେମାନଙ୍କର ଅବଦାନର ମୂଲ୍ୟାଙ୍କନ ବୁଝିବାରେ ସାହାଯ୍ୟ କରିଥିଲା। ଏହା ସହିତ ସେମାନଙ୍କର ପ୍ରୟାସ କିପରି ସଂଗଠନାତ୍ମକ ଉଦ୍ଦେଶ୍ୟ ସହିତ ଜାତୀୟ ବିକାଶର ବ୍ୟାପକ ଲକ୍ଷ୍ୟ ସହିତ ସମନ୍ୱିତ ତାହା ଦର୍ଶାଯାଇଥିଲା । ମାଷ୍ଟର ପ୍ରଶିକ୍ଷକମାନେ ଆର ଏସ ପି ଏବଂ ଓଡ଼ିଶା ଗ୍ରୁପ ଅଫ ମାଇନ୍ସ ର ଅବଶିଷ୍ଟ କର୍ମଚାରୀମାନଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ପରିଚାଳନା କରିବେ।

# ବ୍ୟାପକ ପରିମାଣର ପୋଚ ଓ ଦେଶି ରନ୍ଧା ମଦ ଜବତ କରି ନଷ୍ଟ କଲା ଅବକାରୀ ବିଭାଗ



ବୈଶିଙ୍ଗା , ୩୧/୦୮ (ନି.ପ୍ର): ଅବକାରୀ ଥାନା ପକ୍ଷରୁ ଶନିବାର ସକାଳୁ ଅଚାନକ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ମାଟିରେ ପୋତା ଯାଇଥିବା ପୋଚ ଓ ଦେଶି ରନ୍ଧା ମଦ ଜବତ କରି ନଷ୍ଟ କରିଦିଆଯାଇଛି । ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା କୌଣସି ସୂତ୍ରରୁ ଖବରପାଇ ଉଦଳା ଅବକାରୀ ଅଧିକାରୀ ସଞ୍ଜୟ କୁମାର କାଣ୍ଡି, ଏସ ଆଇ ସୂର୍ଯ୍ୟକାନ୍ତ ମଲ୍ଲିକ ତାଙ୍କ ଦଳବଳ ସମେତ ବେତନଟୀ ଅବକାରୀ ବିଭାଗ କର୍ମଚାରୀ ସଦଳ ବଳେ ବୈଶିଙ୍ଗା ଥାନା ଅଧୀନ ଭିଡିରଶୋଳ ଓ ଭାଲିଆଡିହା ଜଙ୍ଗଲ ଭିତରେ ଚଢ଼ାଉ କରି ୮୨୦୦କେଜି ପୋଚ ଓ ୧୦୧୦ଲିଟର ଦେଶି ରନ୍ଧା ମଦ ଭର୍ତ୍ତି ପ୍ଲାଷ୍ଟିକ ଡ୍ରାମ ଉଦ୍ଧାର କରି ନଷ୍ଟ କରି ଦେଇଥିଲେ । ଡ୍ରମ ଗୁଡିକ ଜବତ କରି ବିଭାଗୀୟ କାର୍ଯ୍ୟାଳୟକୁ ଆଣିଥିଲେ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ । ଠିକ ଏକ ସପ୍ତାହ ପୂର୍ବରୁ ଏହି ଗ୍ରାମରେ ଅବକାରୀ ବିଭାଗ ଚଢାଉ କରି ଦଶହଜାର ରୁ ଅଧିକ ରନ୍ଧା ମଦ ଓ ପୋଚ ନଷ୍ଟ କରିଥିଲା ।

# ଅପରାଧି ଆକାଶ ମହୁରିଆ ମୃତ୍ୟୁ ମାମଲାରେ ଏସଆଇ ଶିବ ସାହୁ ଗିରଫ

ଜୟପୁର, ୩୧/୦୮ (ନି.ପ୍ର): ଦୁର୍ଦ୍ଧାନ୍ତ ଅପରାଧି ଆକାଶ ମହୁରିଆଙ୍କ ମୃତ୍ୟୁ ମାମଲାରେ ଗତକାଲି କ୍ରାଇମବ୍ରାଂଚ ପୁଲିସ ପୂର୍ବତନ ଏସଆଇ ଶିବ ଶଙ୍କର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି କ୍ରାଇମବ୍ରାଂଚ ପୁଲିସ ଶିବ ଶଙ୍କର ସାହୁଙ୍କୁ କଳାହାଣ୍ଡି ଜିଲ୍ଲାର ଏକ ଗଣେଷ ପୂଜା ବଜାରରେ ବୁଲୁଥିବା ସମୟରେ ଗିରଫ କରିଥିଲା। ଗିରଫ କରି ଗତକାଲି ସକାଳୁ ଜୟପୁର ଆଣିବା ପରେ ସନ୍ଧ୍ୟାରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବା ପରେ ଜୟପୁର କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଥାଉକି ଗତ ୨୦୧୭ ମସିହାରେ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ଅଭିଯୁକ୍ତ ଆକାଶ ମହୁରିଆକୁ ପୁଲିସ ଗୋଡାଉଥିବା ସମୟରେ ଗାଡିରୁ ପଡି ମୃତ୍ୟୁ ବରଣ କରିଥିବା ନେଇ ଟାଉନଥାନାରେ କେସ ହେବା ପରେ ଆକାଶ ମହୁରିଆଙ୍କ ଭଉଣି ହ୍ୟୁମାନ ରାଇଟସରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କ୍ରାଇମ ବ୍ରାଂଚ ପୁଲିସ ଏକ ମାମଲା ରୁଜୁ କରି ପୂର୍ବତନ ଟାଉନଥାନା ଅଧିକାରୀ ତପନ ରଥ, ଏସଆଇ ଶିବ ଶଙ୍କର ସାହୁ, ଏସଆଇ ବଳିଆର ସିଂ ଓ ଏସଡିପିଓ ରାଜେନ୍ଦ୍ର ସେନାପତିଙ୍କ ନାରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ତଦନ୍ତକାରି ଅଧିକାରୀ ଭାବେ ଶିବ ଶଙ୍କର ସାହୁ ଥିବା ଯୋଗୁଁ ତାଙ୍କ ନାରେ ଚାର୍ଜ ସିଟ ଦାଖଲ ହୋଇଥିଲା। ସେହି ଦିନଠାରୁ ଶିବ ସାହୁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଗତକାଲି ତାଙ୍କୁ କ୍ରାଇମବ୍ରାଂଚ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି।

# ସାଇବାର କ୍ରାଇମ ହେଲେ ଟେଲିକମ୍ପାନୀ ମାନେ ଉତ୍ତରଦାୟୀ ହୁଅନ୍ତୁ : ଖାଉଟି ସଂସ୍ଥା

କେନ୍ଦୁଝର, ୩୧/୦୮ (ନି.ପ୍ର): ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ତ୍ତା ତରଫରୁ ତାରିଣୀ ପୀଠ ଘଟଗାଁ ପଂଚାୟତ ସମିତି ସଭା ଗୃହ ଠାରେ ଟେଲିକମ୍ ସାଇବାର ନିରାପତା ଗ୍ରାହକ ସଚେତନତା କର୍ମଶଳଓକୁ ଏଏସପି ହରପ୍ରିୟା ନାଇକ ମୁଖ୍ୟ ଅତିଥି ରୂପେ ଉଦ୍ଘାଘାଟନ ଓ ସିଏଜି ବାର୍ତ୍ତା ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ ଓ ସିଡ଼ିପିଓ ଜୟନ୍ତୀ ମହନ୍ତ ଡିଜିଟାଲ ସାକ୍ଷରତା ଓ ଯୋଗାଣ ଅଧିକାରୀ ଭାସ୍କର ଚନ୍ଦ୍ର ବାରିକ ଇ ସେବା ସମସ୍ତ ଇନ୍ଟରନେଟ ସେବା ଉପରେ ଆମେ ନିର୍ଭର କରୁ ସେ ଅଭଭାଷଣ ଦେଇଥିଲେ ଓ ଆଜିକାଲି ସମସ୍ତ ବର୍ଗର ଲୋକେ ମୋବାଇଲ ଓ ଇନ୍ଟରନେଟ ବ୍ୟବହାର ଯାହା ଜୀବନର ଅପରିହାର୍ଯ୍ୟ ହେବାକୁ ଲାଗିଲାଣି ଓ ଗୃହମନ୍ତ୍ରଣାଳୟ ଆଇଚାରସି ଅନୁସାରେ ଭାରତରେ ମାସକୁ ୧୫୦୦ କୋଟି ଓ ବର୍ଷକୁ ୧.୨ ଲକ୍ଷ କୋଟି ସାଇବର ଜନିତ ଅପରାଧ ଶୀକାର ହଉଅଛି ଯାହାର ୦.୭ ଶତକଡା ଭାଗ ଜିଡ଼ିପିର ପ୍ରଭାବିତ ଯାହା ଦେଶର ଅର୍ଥନୈତିକ ବିକାଶ ପାଇଁ ବାଧକ ଓ ଇନ୍ଟାରନେଟ ବର୍ତ୍ତମାନ ବ୍ଲଓକ ବକ୍ସ ହୋଇଅଛି ୭୮ କୋଟି ଇନ୍ଟାରନେଟ ବ୍ୟବହାରି ଗ୍ରାହକ ଯାହା ଆମ ଦେଶ ସାଇବାର ଅପରାଧିଙ୍କ ଭୂସ୍ୱର୍ଗ ପାଲଟଛି ଏଆଇ ଟେକନୋଲଜି ସାହାର୍ଯ୍ୟରେ ପ୍ରତି ମିନିଟରେ ଗ୍ରାହକ ସାଇବାର ଫ୍ରଡ଼ ଶୀକାର ହଉଅଛି ମାନବ ସମାଜ ପାଇଁ ବୈଷୟିକ ଜ୍ଞାନ ଆର୍ଶୀବାଦ ଥିଲା ବର୍ତମାନ ଆମ ପାଇଁ ଅଭିଶାପ ହେଲାଣି ଓ ସବୁ ବର୍ଗର ବୁଢା ଟୁ ପିଲା ମୋବାଇଲ ଇନ୍ଟରନେଟ ଆମର ପରିବାର ମୁଖିଆ ହେଲାଣି ଓ ଅଚିହ୍ନା ଲିଙ୍କ, ଅଜଣା ଆପ୍ସ, ଅଜଣା ମେସେଜ, ଇମେଲ, ଫେକ ଅଫସାଇଟ, ଫେସବୁକ, ଇନଷ୍ଟାଗ୍ରାମ ଓ୍ୱହାସ ଆପ୍ସ, ସାଇବର ଅପରାଧି ଆମର ବାପ ଓ ଓଟିପି ଅଜଣା କୁ ଦେବା ନିଜେ ଅଜାଣ ହେବା ଓ ଟ୍ରାଇ ପ୍ରଦତ ଡ଼ିଏନଡ଼ି, ମାଇସ୍ୱୀଡ ଆପ୍ସ, ସଂଚାର ସାଥି, ଚକ୍ଷୁ ଆପ୍ସ, ପ୍ରତିବିମ୍ବ, ହେଲ୍ପ ଲାଇନ ୧୯୩୦,ସାଇବାରକ୍ରାଇମ ଡଟ ଜିଓଭି ଡଟ ଇନ ଓ ଟ୍ରାଇର ଓ୍ୱେବସାଇଟ ବ୍ୟବହାର କରିବା ପାଇଁ ତାଲିମ ପ୍ରଦାନ କରଯାଇଥିଲା ଓ କେନ୍ଦୁଝର ଜିଲ୍ଲାରେ ଅଧୂସିତ, ଦୁର୍ଗମ,ପାହାଡିଆ ଅଂଚଳ ୭ଗୋଟି ବ୍ଲକ ୨୯୭ ଗ୍ରାମ ପଞ୍ଚଓୟତର ପ୍ରାୟ ଟେଲିକୋମ ସେବା ବିପର୍ଜ୍ୟସ୍ତ ନେଟଓ୍ୱର୍କ ଆସୁନି, ବହୁ ଧିମିରେ ଚାଲିବା , ଘଟଗାଁ ମାତାରିଣୀଙ୍କ ଯାତ୍ରାରେ ବହୁ ଭିଡ ସମୟରେ ନେଟଓ୍ୱର୍କ ନ ଲାଗିବା ଓ ଟେଲିକମ୍ପାନୀ ମାନେ ଯାଣିଶୁଣି ଅଣଦେଖା କରୁଛନ୍ତି ସଭାରେ ମତ ରଖିଥିଲେ ଓ ଟ୍ରାଇ ନିୟମ କଡାକଡି ଥିଲେ ମଧ୍ୟ ଟେଲିକମ କମ୍ପାନୀ ଅଣଦେଖା କରୁଛନ୍ତି, ରଓତାରଓତି କମ୍ପାନୀ ମାନେ ରିଚାର୍ଜ ପ୍ଲାନ ଭଡା ବଢେଇ ଦେଇଛନ୍ତି କିନ୍ତୁ ତା ତୁଳନାରେ ସେବା ନଦେବା, ଅଭିଯୋଗ ପ୍ରଣାଳୀକୁ ସରଳ କରିବା, ଅଧିକ ଟୋଲ ଫ୍ରୀ ନମ୍ବର, ଓ୍ୱାଟସ ଆପ୍ସ ନମ୍ବର ଓ ଓଡିଆ ଭାଷଓରେ ସୁଗମ୍ୟ କରିବା ଅଧିକରୁ ଅଧିକ ଗ୍ରାମାଂଚଳର ଗ୍ରାହକ ସଚେତନତା କର୍ମଶଳଓ କମ୍ପାନୀଗୁଡିକ କରିବା ଉପରେ ସମସ୍ତେ ଦାବୀ କରିଥିଲେ ଓ ଟ୍ରାଇ ନିୟମ ଓ ନିର୍ଦ୍ଦେଶଓବଳୀ ଟେଲିକମ୍ପାନୀ ମାନେ ମାନନ୍ତୁ ଖିଲାପହେଲେ ଅର୍ଥଦଣ୍ଡ ସହ ସେବା ନିଷେଓଦଶ ବଳବତର ଅଛି ଓ ବିଏସଏନଏଲ, ଜିଓ କ୍ଷେତ୍ର ଅଧିକାରୀ ଓ ଶତଓଧିକରୁ ଅଧିକ ମହିଳା ନେତ୍ରୀ, ବୁଦ୍ଧିଜୀବୀ , ଭିନ୍ନକ୍ଷମ,ସଚେତନ ନାଗରିକ, ଅଙ୍ଗନବାଡି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ, ଶିକ୍ଷାବିତ ସୁଦାମ ଡାକୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଁଳାଠାରେ ବ୍ଲକ୍ ପ୍ରତିଷ୍ଠା ନିମନ୍ତେ ପିଆରଆଇ ସଦସ୍ୟଙ୍କ ଦାବି

ବୈଶିଙ୍ଗା , ୩୧/୦୮ (ନି.ପ୍ର): ରାଜ୍ୟ ସରକାର ବ୍ଲକ୍ ପୁର୍ନଗଠନ ପାଇଁ ବିଜ୍ଞପ୍ତି ଜାରି କରିଥିବାବେଳେ ବେତନଟୀ ବ୍ଲକ୍ କୁ ବିଭାଜନ କରି ଅଁଳାଠାରେ ଏକ ନୂତନ ବ୍ଲକ୍ ପ୍ରତିଷ୍ଠା ନିମନ୍ତେ ପଞ୍ଚାୟତ ରାଜ ପ୍ରତିନିଧି ସଦସ୍ୟ ଗଣଙ୍କ ସମେତ ସର୍ବସାଧାରଣରେ ଦାବି ହେଇଛି । ଏଥିନିମନ୍ତେ ବେତନଟୀ ବ୍ଲକ୍ ର ୨୪ ଗୋଟି ପଞ୍ଚାୟତ ମଧ୍ୟରୁ ଦୁଇଗୋଟି ପଞ୍ଚାୟତ ଯଥା- ବେତନଟୀ ଓ ସଠିଲୋ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ ହୋଇଥିବାରୁ ଅନ୍ୟ ୨୨ଗୋଟି ପଞ୍ଚାୟତ ମଧ୍ୟରୁ ବେତନଟୀ ବ୍ଲକ୍ ର ଅଁଳା, ଚାଞ୍ଚିପଦା, ସଇତପୁର,ରଘୁପୁର,ଆମ୍ବଗଡ଼ିଆ ଓ ମେର୍ଦା ପଚାୟତ ସମେତ ରାସଗୋବିନ୍ଦପୁର ବ୍ଲକ୍ ର ତୋଟାପଡ଼ା, ରାଘବପୁର, ବଡାମପୁର ଓ ଛାତନା ଗ୍ରାମ ପଞ୍ଚାୟତ ସର୍ବମୋଟ ଦଶଗୋଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ପ୍ରତିଷ୍ଠା ନିମନ୍ତେ ଉଭୟ ବ୍ଲକ୍ ର ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ, ଓ୍ୱାର୍ଡ଼ ସଭ୍ୟ ଓ ବୁଦ୍ଧିଜୀବୀ ସମେତ ସାଧାରଣ ବର୍ଗ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ, ସଂଓସଦ , ବିଧାୟକ, ବିଭାଗୀୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରିଅଛନ୍ତି । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ଠାରୁ ସବ୍ ଡିଭିଜନ ପର୍ଯ୍ୟନ୍ତ ପୁର୍ନଗଠନର ବିଜ୍ଞପ୍ତି ପ୍ରକାଶ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ । ଏହି ଦୃଷ୍ଟି କୋଣରୁ ଉପର ଲିଖିତ ପଞ୍ଚାୟତ ଗୁଡିକ ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳ ରୂପେ ପରିଚିତ । ଭୌଗଳିକ ଦୃଷ୍ଟିକୋଣରୁ ଏହି ପଞ୍ଚାୟତ ଗୁଡିକ ବେତନଟୀ ଓ ରାସ ଗୋବନ୍ଦପୁର ବ୍ଲକ୍ କାର୍ଯ୍ୟାଳୟଠାରୁ ୩୦ ରୁ ୩୫ କି.ମି.ଦୂରରେ ଅବସ୍ଥିତ । ୨୦୧୧ ଜନଗଣନା ଅନୁଯାୟୀ ଆବଶ୍ୟକ ଠାରୁ ଅଧିକ ଲୋକ ଏସବୁଠାରେ ବସବାସ କରୁଥିବା ବେଳେ ଅଁଳାଠାରେ ଏକ ବ୍ଲକ୍ ପ୍ରତିଷ୍ଠାର ଆବଶ୍ୟକତା ଉପଲବ୍ଧି ହେଉଅଛି । ଅତ୍ୟନ୍ତ ଦୂରରୁ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଥିବା ଯୋଗୁଁ ଗୋଟିଏ କାର୍ଯ୍ୟ ଦିବସରେ ଅଭିଯୋଗକାରୀ ସେମାନଙ୍କ କାର୍ଯ୍ୟ ହାସଲ କରି ନ ପାରି ଫେରିଯିବାକୁ ବାଧ ହୁଅନ୍ତି ।ଫଳତଃ ଅଯଥା ସମୟ ଓ ଅର୍ଥ ଅପବ୍ୟୟ ହୋଇଥାଏ ।ଅଁଳାଠାରେ ଭିତ୍ତିଭୂମି ରହିଥିବା ବେଳେ ଏଠାର ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଏ ଏନ୍ ଏମ କେନ୍ଦ୍ର ଆୟୁର୍ବେଦିକ ଚିକିତ୍ସାଳୟ, ବ୍ୟାଙ୍କ, ଉପ ଡାକଘର, ଲ୍ୟାମ୍ପସ୍ ,ପଶୁଧନ ଚିକିତ୍ସା କେନ୍ଦ୍ର ଇତ୍ୟାଦି ରହିଥିବାବେଳେ ଆମ୍ବଗଡ଼ିଆ ପଞ୍ଚାୟତର ଠାକୁର ତୋଟା ଠାରେ ରେଳଷ୍ଟେସନ,ତୋଟାପଡା ଠାରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର,ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ସଂସ୍କୃତ ମହାବିଦ୍ୟାଳୟ, ନୂଆଗାଁ ମୟୂରଭଞ୍ଜ ରୋଡ ରେଳଷ୍ଟେସନ, ସାପ୍ତାହିକ ହାଟ ଆଦି ରହିଅଛି । ସେହିଭଳି ମେର୍ଦା ଫଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ,ପଶୁ ଚିକିତ୍ସା କେନ୍ଦ୍ର ଇତ୍ୟାଦି ବିଭିନ୍ନ ଅନୁଷ୍ଠାନ ରହିଅଛି । ଏହି ଅନୁଯାୟୀ ଅଁଳାଠାରେ ନୂତନ ବ୍ଲକ୍ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଅଛି ।ବୋଲି ୩୭ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଧାନୀ କିସ୍କୁ ,ଅଁଳା ସରପଞ୍ଚ ସ୍ୱପ୍ନା ସିଂ,ସମିତି ସଭ୍ୟା ବାସନ୍ତୀ ମୁର୍ମୁ, ତୋଟାପଡ଼ା ସରପଞ୍ଚ ଶମ୍ଭୁନାଥ ହାଁସଦା,ଚାଞ୍ଚିପଦା ସରପଞ୍ଚ ନରେନ୍ଦ୍ର ନାଥ ସିଂ, ରାସଗୋବିନ୍ଦପୁର ବ୍ଲକ ଉପାଧକ୍ଷ ପଦନ କୁମାର ଦେହୁରୀ, ରଘୁପୁର ସରପଞ୍ଚ ବତୀ ସିଂ ପ୍ରମୁଖ ଦଶଗୋଟି ପଞ୍ଚାୟତର ଜନପ୍ରତିନିଧିଗଣ ଓ ସାଧାରଣବର୍ଗ ଏହି ଦାବି କରିବା ସହ ଏହି ନ୍ୟାର୍ଯ୍ୟ ଦାବି ପୂରଣ ନହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

# ପଡିଆ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ମାଲକାନଗିରି, ୩୧/୦୮ (ନି.ପ୍ର): ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପଡିଆ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାକାର ସ୍ୱାସ୍ଥ୍ୟ ଭିତିଭୂମି ତଦାରଖ କରିବା ସହ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରିବାକୁ କହିଥିଲେ। ସେହିପରି ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେଠାରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ସେହିପରି ଗ୍ରାମୀଣ ପାଠାଗାର ମଧ୍ୟ ପରିଦର୍ଶନ କରି ଭିତିଭୂମି ତଦାରଖ କରିଛନ୍ତି ଜିଲ୍ଲାପାଳ ଓ ଜିଲ୍ଲାପାଳ ଉଣ୍ଡରୁକୋଣ୍ଡାଠାରେ ଥିବା କନ୍ୟାଶ୍ରମ ପି.ଏମ-ଶ୍ରୀ ସ୍କୁଲ, ଆମ ବ୍ୟାଙ୍କ ସୁବିଧା କେନ୍ଦ୍ର, ଘରୋଇ ଉତ୍ପାଦ ୟୁନିଟ୍ କେନ୍ଦ୍ର ବୁଲି ଦେଖିବା ସହ ସେଠାରେ ଚାଲିଥିବା କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ସେହିଭଳି ବାପନପାଲ୍ଲୀ ଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ଭିତିଭୂମି ଦେଖିବା ସହ ଅଙ୍ଗନବାଡ଼ି କେନ୍ଦ୍ର, ଏମ.ଭି-୫୮ ଠାରେ ଥିବା କୁକୁଡ଼ା ଫାର୍ମ ବୁଲି ଦେଖିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ପଡ଼ିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କ ସମେତ ସମସ୍ତ କ୍ଷେତ୍ର ସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜାରକା ଗଣେଶ ପୂଜା ମଣ୍ଡପ ଉଦ୍ଘାଟିତ

ଧର୍ମଶାଳା, ୩୧/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ବଡ଼ବଜାରରେ ନବନିର୍ମିତ ଗଣେଷ ପୂଜା ମଣ୍ଡପ ଆଜି ଉଦଘାଟିତ ହୋଇଯାଇଛି। ଗଣେଷ ପୂଜା କମିଟି ସଭାପତି ରମେଶ କୁଣ୍ଡୁଙ୍କ ଅଧକ୍ଷତାରେ ଅୟୋଜିତ ଉଦଘାଟନୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିର୍ମିତ ମଣ୍ଡପକୁ ଉଦଘାଟନ କରିଥିଲେ।

# ୧୫୭ ଗ୍ରାମ୍ ବ୍ରାଉନସୁଗାର ଜବତ : ୩ ଗିରଫ

ପୁରୀ, ୩୧/୦୮ (ନି.ପ୍ର): ପୁରୀ ଜିଲ୍ଲା ଚନ୍ଦନପୁର ଥାନା ପୋଲିସ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ସମୁଦାୟ ୧୫୭.୩୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ । ଚନ୍ଦନପୁର ଥାନା ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କର ଭାଇଲିପୁର ଛକ ନିକଟ ଅନ୍ତିକେରା ପୋଲ ଉପରେ ବ୍ରାଉନସୁଗାର ବିକ୍ରି ହେଉଥିବା ସୂଚନା ପାଇ ଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ଚଢ଼ଉ କରିଥିଲା । ଚନ୍ଦନପୁର ଥାନା ଅଧିକାରୀ ଓ ପୋଲିସ ଟିମ୍ ସେଠାରେ ଚଢ଼ଉ କରିଥିଲେ । ଦୁଇଟି ମୋଟର ସାଇକେଲ୍ ଓ ହୋଣ୍ଡା ଆକ୍ଟିଭାରେ ବ୍ରାଉନସୁଗାର ରଖି ସମ୍ପୃକ୍ତ ତିନି ଅଭିଯୁକ୍ତ ବିକ୍ରି ଉଦ୍ଦେଶ୍ୟରେ ସେଠାରେ ଛିଡା ହୋଇଥିଲେ । ପୋଲିସକୁ ଦେଖି ସେମାନେ ଖସିଯିବା ପାଇଁ ଉଦ୍ୟମ କରିଥିଲେ । ପୋଲିସ ସେମାନଙ୍କୁ ଗୋଡାଇ ଧରିଥିଲା । ପଚରାଉଚରା ବେଳେ ସେମାନେ ବ୍ରାଉନସୁଗାର ବିକ୍ରି କରୁଥିବା ସ୍ୱୀକାର କରିଥିଲେ । ଘଟଣାସ୍ଥଳରୁ ଦୁଇଟି ବାଇକ୍ ଓ ଗୋଟିଏ ହୋଣ୍ଡା ଆକ୍ଟିଭା ସହ ୧୫୭.୩୮ ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୧ ଲକ୍ଷ ୬୩ ହଜାର ୫୨୦ ଟଙ୍କା ପୋଲିସ ଜବତ କରିଛି । ଏହା ସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍, ଗୋଟିଏ ଭଙ୍ଗା କତୁରୀ ଓ ଗୋଟିଏ ଛୁରୀ ଜବତ ହୋଇଛି । ଏ ସଂକ୍ରାନ୍ତରେ ଚନ୍ଦନପୁର ଥାନାରେ ୧୫୧/ ୨୫, ଏନଡିପିଏସ ଆକ୍ଟ ୨୧(ବି), ୨୯ ରେ ଏକ ମାମଲା ରୁଜୁ ହୋଇଛି । ଘଟଣାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ପ୍ରଦୀପ କୁମାର ପଣ୍ଡା (୨୨), ଲିଟୁ ପ୍ରଧାନ (୪୦) ଏବଂ ନିରଞ୍ଜନ ପରିଡ଼ା (୩୦) । ପ୍ରଦୀପଙ୍କ ଘର ଚନ୍ଦନପୁର ଥାନା ଅନ୍ତର୍ଗତ ଚାଷପଡ଼ା ଗ୍ରାମରେ ହୋଇଥିବା ବେଳେ ଲିଟୁ ଓ ନିରଞ୍ଜନଙ୍କ ଘର ସେହି ଥାନା ଅନ୍ତର୍ଗତ ଭାଇଲିପୁର ଗ୍ରାମରେ ବୋଲି ଜଣାପଡିଛି । ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରତୀକ ସିଂ ଏହି ସୂଚନା ଦେଇଛନ୍ତି ।

# ଗାଁ ଗହଳିରେ ବ୍ୟାପୁଛି ଗୋ - ବସନ୍ତ

ଘଟଗାଁ, ୩୧/୦୮ (ନି.ପ୍ର): ଘଟଗାଁ ବ୍ଲକର ବିଭିନ୍ନ ଗାଁ ଗୁଡିକରେ ଏବେ ବ୍ୟାପୁଛି ଗୋ - ବସନ୍ତ। ଚିକିତ୍ସା ପରେ ଏହି ରୋଗ ବ୍ୟାପିବା ସହ ଗାଇ, ବଳଦ ଓ ବାଛୁରୀ ହୋଇ ଯାଉଛନ୍ତି ଦୁର୍ବଳ। ଏହା କେଉଁ କାରଣ ଓ କାହିଁକି ବ୍ୟାପୁଛି କାରଣ ଅସ୍ପଷ୍ଟ। ପ୍ରାଣୀ ଚିକିତ୍ସକ ସ୍ୱତନ୍ତ୍ର ଗାଡ଼ିରେ ଗାଁ ଗୁଡିକ ଭ୍ରମଣ କରି ଟିକା ଦେଉଥିଲେ ସୁଧା ଏବେ ମଣତା, ତରା, କୋଳିପୋଷି ଓ ବେଢାପାଳ ଭଳି ଅନେକ ଗାଁ ରେ ଗାଇ ଗୋରୁ ମାନଙ୍କ ଦେହରେ ଏହି ରୋଗ ଦେଖିବାକୁ ମିଳୁଛି। ପ୍ରଥମେ ଦେହରେ ଗୋଲି ଗୋଲି ହେଉଛି ପରେ ଜ୍ୱର ହେବା ସହିତ ଗୋଡ଼ ଦରଦ ହେଉଥିବା ଲକ୍ଷ୍ୟ ରହୁଛି। ମେଡ଼ିସିନ ଓ ଇଞ୍ଜେକ୍ସନ ଦେଲେ ସୁଦ୍ଧା ଦେହ ସାରା ବାହାରି ସେଗୁଡିକ ଫାଟି ଘା ହେଉଛି। ଡିଆଁ ରୋଗ ପରି ଗୋଟିଏ ଗାଇ କିମ୍ବା ବାଛୁରୀ ଠାରୁ ଅନ୍ୟ ଏକ ଗାଇ ବଳଦଠାରେ ଏହି ରୋଗ ସୃଷ୍ଟି ହେଉଛି। ଏଣୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଉନ୍ନତ ମାନର ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି।

# ସ୍ୱାୟତ ଶାସନ ଦିବସ ସମାରୋହ ଉଦ୍‌ଘାଟିତ: ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ପାଇଁ ସଦା ଯତ୍ନଶୀଳ ରହିବାକୁ ଆହ୍ୱାନ



ବାରିପଦା, ୩୧/୮ (ନି.ପ୍ର): ବାରିପଦା ପୌରପାଳିକା ପକ୍ଷରୁ ରବିବାର ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ଉଦଘାଟିତ ହୋଇଯାଇଛି। ସକାଳୁ ପୌରାଞ୍ଚଳରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିପରେ ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉଦଘାଟନୀ କାର୍ଯ୍ୟକ୍ରମ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧକ୍ଷକ ବରୁଣ ଗୁଣ୍ଟୁପାଲି, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଧର୍ମାନନ୍ଦ ବେହେରା, ଉପ ନଗରପାଳ ସୀମା ଦାସ, ନିର୍ବାହୀ ଅଧିକାରୀ ସପନ କୁମାର ସାହୁ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ରହି ମଞ୍ଚାସିନ ହୋଇଥିଲେ। ପ୍ରଥମେ ଦିବ୍ୟାଙ୍ଗ ମାନଙ୍କୁ ୪ଟି ଟ୍ରାଇ ସାଇକେଲ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିପରେ ପ୍ରଦୀପ ପ୍ରଜ୍ୱଳିତ କରି ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟାରମ୍ଭ କରିଥିଲେ। ରାଜତନ୍ତ୍ର ସମୟରେ ୧୯୦୫ ମସିହାରେ ବାରିପଦା ପୌରପାଳିକା କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୨୦ ବର୍ଷ ପରେ ବାରିପଦା ପୌରପାଳିକାର ଅନେକ ବିକାଶ ଘଟିଛି। ପୌରାଞ୍ଚଳର ୨୮ଗୋଟି ୱାର୍ଡରେ ବିକାଶ ଧାରା ଜାରି ରହିଛି। ସହରର ବିକାଶକୁ ଦ୍ରୁତଗତିରେ ତ୍ୱରାନ୍ୱିତ କରିବା ପାଇଁ ବାରିପଦା ପୌରପାଳିକା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛି ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ବାରିପଦା ପୌରପାଳିକା ପକ୍ଷରୁ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ସଚେତନ ରହିଛନ୍ତି। ବାରିପଦା ପୌରପାଳିକାକୁ ଆହୁରି ଆଗକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ନଗରପାଳ ଶ୍ରୀ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଚଳିତ ପରିଷଦ ଗତ ୩୦/୦୩/୨୦୨୨ରେ ଆରମ୍ଭ ହୋଇଥିବା ବେଳେ ବାରିପଦା ସହରର ବିଭିନ୍ନ ସମସ୍ୟା, ସ୍ୱଚ୍ଛତା, ସାମାଜିକ ନିରାପତା, ବସ୍ତି ଉନ୍ନୟନ, ପାନୀୟ ଜଳ, ଷ୍ଟ୍ରୀଟ୍ ଲାଇଟ୍ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ କରିବା ପାଇଁ ସଫଳତାର ସହ କାର୍ଯ୍ୟରତ ରହିଛନ୍ତି। ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବା ନିମନ୍ତେ ଅନେକ ଗୁଡ଼ିଏ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ପ୍ରାୟ ୩୦୦ କୋଟିର ଆକ୍ସନ ପ୍ଲାନ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବାରିପଦା ପୌରପାଳିକା ପକ୍ଷରୁ ପ୍ରଦାନ କରାଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପୌରପାଳିକା ପକ୍ଷରୁ ଗୃହ ଓ ବିଭିନ୍ନ ପ୍ରତିଷ୍ଠାନ ଠାରୁ ବର୍ଜବସ୍ତୁ ସଂଗ୍ରହ ପାଇଁ ଏଲସିଭି, ବିଓଭି ଏବଂ ଟ୍ରଲି ମାଧ୍ୟମରେ ୭୦ଗୋଟି ଗାଡିକୁ ନିୟୋଜିତ କରାଯାଇ ବର୍ଜବସ୍ତୁ ସଂଗ୍ରହ କରାଯାଉଛି। ପ୍ରାୟ ୪୦୦ରୁ ଅଧିକ ସ୍ୱଚ୍ଛ ସାଥି, ସୁପରଭାଇଜର ଏବଂ ସ୍ୱଚ୍ଛକର୍ମୀ ମାନଙ୍କ ମାଧ୍ୟମରେ ସହରକୁ ସ୍ୱଚ୍ଛ ରଖିବାକୁ ସଦା ପ୍ରୟାସ ଜାରି ରହିଛି। ଏନେଇ ମାସକୁ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ବାରିପଦା ପୌରପାଳିକା ତରଫରୁ ଆଗାମୀ ଦିନରେ ପୌରାଂଚଳର ବିଭିନ୍ନ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ, ଭେଣ୍ଡିଂ ଜୋନ୍, ମଧୁବନ ଠାରେ ସ୍ମାର୍ଟ ପାର୍କ, ଗୋଶାଳା, ବିଭିନ୍ନ ଛକର ସୌନ୍ଦର୍ଯ୍ୟକରଣ, ଛଉ ପଡିଆର ଉନ୍ନତି କରଣ, ବିଭିନ୍ନ ସ୍ଥାନରେ ଏଲଇଡି ବୋର୍ଡ ଇତ୍ୟାଦି କରାଯିବାର ଯୋଜନା କରାଯାଇଛି। ବାରିପଦା ସହର ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି।

# ଉଦଳାରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ



ଉଦଳା , ୩୧/୮ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ପ୍ରତିବର୍ଷ ପରି ଚଳିତ ଅଗଷ୍ଟ ୩୧ ତାରିଖ ରବିବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ଏଥିପାଇଁ ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଦିବସ ବ୍ୟାପି ଏହି ଉତ୍ସବ ପାଳନ ଅବସରରେ ପ୍ରଭାତରେ ରାମଧୂନ ସହର ପରିକ୍ରମା କରିଥିଲା । ଏହାପରେ ସହରର ବିଭିନ୍ନସ୍ଥାନରେ ପ୍ରତିଷ୍ଠା କରାଯାଇଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରାଯାଇଥିଲା । ପରେ କାର୍ଯ୍ୟାଳୟରେ ଜାତୀୟ ପତାକା ଉତୋଳନ କରାଯିବା ସହ ସମସ୍ତେ ଏକସ୍ୱରରେ ଜାତୀୟ ସଂଗୀତ ପରିବେଷଣ କରିଥିଲେ । ଏହାପରେ ଉପଖଣ୍ଡ ଚିକିତ୍ସାଳୟରେ ଫଳ, ବିସ୍କୁଟ ଓ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଶେଷରେ ସମସ୍ତେ ସମ୍ଭାନଗୃହରେ ଏକତ୍ରୀତହେବା ସହ ସାଧାରଣ ସଭାର ପର୍ବ ଆରମ୍ଭ ହୋଇଥିଲା । ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗଢ଼ିଉଠିଥିବା ସଭ୍ୟତା 'ଉଦଳା' ସହରକୁ କିପରି ସମୃଦ୍ଧ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ମୟୂରଭଂଜ ଲୋକସଭା ସଦସ୍ୟ ନବଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉଦଳାର ଆତ୍ମିୟତା ମତେ ଖୁବ୍ ଆନନ୍ଦ ଦେଇଛି, ଯାହାକି କେବେ ମଧ ମୁଁ ଭୁଲିପାରିବିନାହିଁ ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ବିବରଣୀ ପାଠ କରିବା ସହ ଚଳିତ ବର୍ଷ ଉଦଳା ସହରକୁ ପଲିଥିନମୁକ୍ତ କରିବା ପାଇଁ ଉଦ୍ୟମ ଜାରି ରହିଛି । ଏଥିପାଇଁ ସମସ୍ତେ ସହଯୋଗ କରିବାକୁ ଅନୁରୋଧ ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା, ଉଦଳା ତହସିଲଦାର ସୁପ୍ରଭା ଦାସ, ଉପଖଣ୍ଡ ଆରକ୍ଷୀ ନୀରିକ୍ଷକ ହୃଷିକେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ , ସରକାରୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚାଇବା କ୍ଷେତ୍ରରେ ଉଦଳା ବିଜ୍ଞାପିତ ଅଂଚଳ ବେଶ ସୁନ୍ଦର ଭାବରେ କାମ କରିଚାଲିଛି , ଯାହାକି ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ବୋଲି ବ୍ୟକ୍ତ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କପ୍ତିପଦା ଉଦଳାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଉଦଳା ସହର ଘୋଷିତ ହେବାର ଦିର୍ଘ ୫୨ ବର୍ଷ ବିତିଗଲାଣି ସୂଚନା ପ୍ରଦାନ କରିବା ସହ ନିୟମିତ ଧାର୍ଯ୍ୟ ଟିକସ ପ୍ରଦାନ କରି ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହେବାକୁ ସମସ୍ତଙ୍କୁ ଅନୁରୋଧ ଜଣାଇଥିଲେ । ସଂଜୟ କୁମାର ପାଢ଼ି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିଲ୍ଲୀରୁ ଇନ୍ଦୋର ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି: ଜରୁରୀକାଳୀନ ଲ୍ୟାଣ୍ଡିଂ

ନୂଆଦିଲ୍ଲୀ,୩୧/୮ : ଦିଲ୍ଲୀରୁ ଇନ୍ଦୋରକୁ ଯାଉଥିବା ଏୟାର୍ ଇଣ୍ଡିଆର ଏକ ବିମାନ ଟେକଅଫ୍ କରିଥିବା କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ପାଇଁ ସମସ୍ୟାର ସମ୍ମୁଖୀନ ହୋଇଛି । ଖବର ଅନୁଯାୟୀ, ବିମାନର ଡାହାଣ ଇଞ୍ଜିନରେ ନିଆଁ ଲାଗିଥିବା ଆଲର୍ଟ ମିଳିଥିଲା। ଏହି ସୂଚନା ସହିତ ସଂପୃକ୍ତ କାର୍ଯ୍ୟାଳୟକୁ ସତ୍ୱର ଅବଗତ କରାଯାଇଥିଲା, ଯାହାପରେ ପାଇଲଟ୍ ତୁରନ୍ତ ଡାହାଣ ଇଞ୍ଜିନ ବନ୍ଦ କରିଦେଲେ ଓ ଗୋଟିଏ ଇଞ୍ଜିନରେ ବିମାନକୁ ଦିଲ୍ଲୀ ବିମାନବନ୍ଦରରେ ଜରୁରୀକାଳୀନ ଲ୍ୟାଣ୍ଡିଂ କରାଯାଇଥିଲା। ରବିବାର ଏୟାର୍ ଇଣ୍ଡିଆର ଫ୍ଲାଇଟ୍ ଏଆଇ ୨୯୧୩ ଦିଲ୍ଲୀରୁ ଇନ୍ଦୋର ପାଇଁ ଉଡ଼ାଣ ଭରିଥିଲା। ବିମାନ ଟେକଅଫ୍ କରିଥିବା ପରେ ହିଁ ପାଇଲଟ୍‌କୁ ଫାୟର୍ ଇଣ୍ଡିକେସନ୍ ମିଳିଥିଲା। ଏହା ପରେ ପାଇଲଟ୍ ଆଲର୍ଟ ପଠାଇଥିଲେ ଓ ପୁନଃ ଲ୍ୟାଣ୍ଡିଂ ପାଇଁ ଅନୁମତି ଚାହିଁଥିଲେ। ତତ୍କାଳ ଅନୁମତି ମିଳିବା ପରେ ବିମାନକୁ ସୁରକ୍ଷିତ ଭାବରେ ଲ୍ୟାଣ୍ଡ କରାଯାଇଥିଲା। ଏହି ସମୟରେ ଗ୍ରାଉଣ୍ଡ ଷ୍ଟାଫ୍‌ମାନଙ୍କୁ ଆଲର୍ଟ ରଖାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୭ ଏନଏସିକୁ ମିଳିଲା...

ସ୍ୱାଧୀନତା ଦିବସ ମଞ୍ଚରୁ ସମ୍ବୋଧନ ବେଳେ ୨୧ଟି ନୂଆ ଏନଏସି ପାଇଁ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ପରେ ୧୨ଟି ନୂଆ ଏନଏସି ପାଇଁ ଡ୍ରାଫ୍ଟ ନୋଟିସ୍ ବାହାରିଥିଲା। ହେଲେ ଏହାକୁ ନେଇ ଆଶାୟୀ ସହରାଞ୍ଚଳବାସୀଙ୍କ ମଧ୍ୟରେ ତେଜୁଥିବା ଅସନ୍ତୋଷ ଓ ଦାବିକୁ ଦେଖି ଅଧିକ ଏବେସୁଦ୍ଧା ୨୧ ଯାଗାରେ ୨୮ ନୂଆ ଏନ୍‌ଏସି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଆଉ ନୂଆ ଏନଏସି ଓ ମ୍ୟୁନିସିପାଲିଟି ଘୋଷଣା ହେଉ ହେଉ ଆରମ୍ଭ ହୋଇଯାଇଛି ସେଲିବ୍ରିସେନ୍। କେଉଁଠି ବାଣଫୁଟୁଛି ତ କେଉଁଠି ମିଠା ବାଣ୍ଟି ଖୁସି ବଣ୍ଟା ଚାଲିଛି।

### ଓଡ଼ିଶାର ରଶ୍ମିତା ସାହୁଙ୍କ...

କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଚାରିଥିଲେ, ଆପଣଙ୍କ ଖେଳ-ଜୀବନୀ ସମ୍ବନ୍ଧରେ ଜାଣିବାକୁ ଅତ୍ୟନ୍ତ ଆଗ୍ରହୀ। ମୁଁ ମଧ ଖୁବ୍ ଆଗ୍ରହୀ...କିଛି କୁହନ୍ତୁ। ଉତ୍ତରରେ ରଶ୍ମିତା କହିଥିଲା, ସାର୍ ମୁଁ ରଶ୍ମିତା ସାହୁ କ୍ୟାନୋଇଙ୍ଗ୍ ଖେଳାଳି। ୨୦୧୭ରେ ମୁଁ ଖେଳରେ ଯୋଗଦେଲି। କ୍ୟାନୋଇଙ୍ଗ୍ ଆରମ୍ଭ କରି ରାଷ୍ଟ୍ରୀୟ ସ୍ତରରେ ନ୍ୟାସନାଲ୍ ଚ୍ୟାମ୍ପିଅନସିପ୍, ନ୍ୟାସନାଲ୍ ଗେମ୍ସରେ ଖେଳିଛି। ମୋର ୪୧ଟି ପଦକ ଅଛି ଯେଉଁଥିରେ ୧୩ଟି ସ୍ୱର୍ଣ୍ଣ, ୧୪ଟି ରୂପା ଏବଂ ୧୪ଟି କାଂସ୍ୟ ପଦକ ରହିଛି । ଏଇ ଖେଳ ପ୍ରତି ଆପଣଙ୍କ ଆଗ୍ରହ କିପରି ହେଲା ବୋଲି ପିଏମ୍ ମୋଦିଙ୍କ ପ୍ରଶ୍ନର ଉତ୍ତର ଦେଇ ରଶ୍ମିତା କହିଥିଲେ, ସାର୍ ମୋ ଗାଁରେ ଖେଳର କୌଣସି ପରିବେଶ ନଥିଲା। ନଦୀରେ ନୌକା ଚଳୁଥିଲା, ଆମେ ସାଙ୍ଗମାନେ ପହଁରୁଥିଲୁ। ସେଠାରେ କ୍ୟାନୋଇଙ୍ଗ୍-କାୟାକିଂ ବୋଟ୍ ଦେଖିଲି। ପଚାରିଲି, ଏହା କ'ଣ ? କହିଲା **SAI Sports Centre** ଅଛି ସେଠାରେ ଟ୍ରେନିଂ ହୁଏ। ମୋତେ ଭଲ ଲାଗିଲା। ଘରକୁ ଯାଇ ବାପାଙ୍କୁ କହିଲି—'ମୁଁ ସେଠାକୁ ଯିବାକୁ ଚାହୁଁଛି'। ବାପା ମୋତେ ସହାୟତା କଲେ, ଏଭଳି ଭାବେ ମୋ ଯାତ୍ରା ଆରମ୍ଭ ହେଲା। ଯେଉଁମାନେ ଆପଣଙ୍କ ପରି ଖେଳରେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ କ'ଣ ସନ୍ଦେଶ ଦେବେ ? ପିଏମ୍ ମୋଦିଙ୍କ ଏହି ପ୍ରଶ୍ନରେ ଉତ୍ତର ରଖି ରଶ୍ମିତା କହିଥିଲେ, ସାର୍ ଅନେକ ଝିଅମାନେ ଘରୁ ବାହାରିବାକୁ ମଧ ପାଆନ୍ତିନି, 'ଝିଅ ହୋଇ କେମିତି ଯିବୁ' ଏହା ନେଇ ବହୁତ ବାଧା ରହିଛି। କିନ୍ତୁ ଖେଲୋ ଇଣ୍ଡିଆ ସ୍କିମ୍ ଦ୍ୱାରା ଅନେକ ପିଲା ଆର୍ଥିକ ସହାୟତା ପାଇଛନ୍ତି, ଯାହା ଦ୍ୱାରା ସେମାନେ ଖେଳରେ ଆଗକୁ ବଢୁଛନ୍ତି।

### ଖଣି ମାଲିକ ରଞ୍ଜନ...

ଏହି କେସ୍‌ରେ ଇଡି ପୂର୍ବରୁ ୩୧୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା। ସେହିପରି ୨୦୨୫ ଏପ୍ରିଲ ମାସରେ ୨୮୯ କୋଟି ଟଙ୍କା ଆଟାଚ ସମ୍ପତ୍ତିରୁ ବ୍ୟାଙ୍କକୁ ଦିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଇଣ୍ଡିଆନ୍ ଟେକ୍ନୋମ୍ୟାକ୍ କମ୍ପାନୀ ଲିମିଟେଡ ଓ ଏହାର ଶେଲ କମ୍ପାନୀଗୁଡ଼ିକ ୫୯.୮୦ କୋଟି ଟଙ୍କା ଓଡ଼ିଶାର ଅନମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ ଆକାଉଣ୍ଟକୁ ପଠାଇଥିଲେ। ଜଣେ ଇଡି ଅଧିକାରୀ କହିଛନ୍ତି, "ଅନମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ'' ଏମଡି ଶକ୍ତି ରଞ୍ଜନ ଦାଶ ଜାଣିଶୁଣି ଜାଲିଆତି ଉଦ୍ଦେଶ୍ୟରେ ଇଣ୍ଡିଆନ୍ ଟେକ୍ନୋମ୍ୟାକ୍ କମ୍ପାନୀ ଲିମିଟେଡ ପ୍ରମୋଟର ରାକେଶ ଶର୍ମାଙ୍କୁ ସହାୟତା କରିଥିଲେ। ଋଣ ଟଙ୍କାକୁ ଅନ୍ୟତ୍ର ପଠାଇବା ସହ ଏହାର ବ୍ୟବହାର ଓଡ଼ିଶାର ଖଣି କାରବାରରେ ହୋଇଥିଲା। ଏବେ ଘଟଣାର ଅଧିକ ତଦନ୍ତ କରାଯାଉଛି।"

### ବଢ଼ିଲା ଟିଏମସି ସାଂସଦ...

ଏନେଇ ମହୁଆଙ୍କ ବିରୋଧରେ ଗୋପାଳ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ମୁଁ ହୃଦୟରୁ ଏପରି ଅଭିଯୋଗ କରିଛି। ମୁଁ ମହୁଆଙ୍କ ସଂପ୍ରଦାୟର ଲୋକ ଓ ସେ ଯେତେବେଳେ ଏପରି ଲଜ୍ଜାଜନକ ଭୁଲ କଥା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମ୍ପର୍କରେ କହୁଛନ୍ତି, ଏହା ପୂରା ସଂପ୍ରଦାୟ ପ୍ରତି ଅପମାନ। ତାଙ୍କୁ ଦଣ୍ଡ ଦିଆଯାଉ ଓ ତାଙ୍କ ସଦସ୍ୟତା ପଦ ରଦ୍ଦ କରାଯାଉ।" ଧାରା ୧୯୬ ଓ ୧୯୭ ଆଧାରରେ ଛତିଶଗଡ଼ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କଂଗ୍ରେସ ଦଳକୁ ...

ମୋହନ ଯାଦବ କହିଥିଲେ, 'ମୁଁ ମଧ ଏହାକୁ ଏହିପରି ଦେଖୁଛି, ୫୦୦୦ ବର୍ଷ ପୂର୍ବରୁ ଶ୍ରୀକୃଷ୍ଣ ଶିଶୁପାଳଙ୍କ ୧୦୦ ଭୁଲ୍ ପର୍ଯ୍ୟନ୍ତ କ୍ଷମା କରିବାକୁ ପିଉସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ, ୯୯ ଭୁଲ ପୂରଣ ହେବା ମାତ୍ରେ ଶ୍ରୀକୃଷ୍ଣଙ୍କ ଆଙ୍ଗୁଠିରେ ସୁଦର୍ଶନ ଚକ୍ର ଆସିଲା, ଶିଶୁପାଳର ଅନ୍ତ ହୋଇଥିଲା । ଆଜିର ଯୁଗରେ, ନିର୍ବାଚନ କମିଶନ ସୁଦର୍ଶନ ଚକ୍ର ଦେଇଛନ୍ତି, ଆପଣ ବଟନ୍ ଦବାନ୍ତୁ, ବାକି କାମ ହୋଇଯିବ।' ମୁଖ୍ୟମନ୍ତ୍ରୀ କହିଥିଲେ, 'ଗଣତନ୍ତ୍ରରେ କାହାକୁ ମାରିବାକୁ ପଡ଼େ ନାହିଁ, ଗଣତନ୍ତ୍ରରେ ସବୁକିଛିର ଉତ୍ତର କେବଳ ସେମାନଙ୍କୁ ପରାସ୍ତ କରି ମିଳେ। ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ ଯେ ବିହାରର ଲୋକମାନେ ଏପରି ଦୁର୍ବ୍ୟବହାରକାରୀ ଲୋକଙ୍କୁ କ୍ଷମା କରିବେ ନାହିଁ, ଏହା ନିଶ୍ଚିତ।' ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ତାଙ୍କର ମାନସିକତା 'ସହରୀ ନକ୍ସଲ' ଅଟେ ଯାହା ଯୋଗୁଁ ସେ 'ଗଣତନ୍ତ୍ରର ସ୍ତମ୍ଭ' ଉପରେ ପ୍ରଶ୍ନ ଉଠାଉଛନ୍ତି। ମୋହନ ଯାଦବ କହିଛନ୍ତି, 'ରାହୁଲ ଜୀ କହୁଛନ୍ତି ଯେ ମୋଦୀ ୨୦ ବର୍ଷ ଧରି ଗୁଜରାଟରେ ଭୋଟ ଚୋରି କରୁଥିଲେ, ଏବେ କେହି ତାଙ୍କୁ କହିବା ଉଚିତ ଯେ ତାଙ୍କ ସରକାର କେନ୍ଦ୍ରରେ ୧୦ ବର୍ଷ ଧରି କ୍ଷମତାରେ ଥିଲା, ସେ ଶୋଇଥିଲେ କି କୁଆଡ଼େ ଗଲେ ? ଯେଉଁମାନେ ଏହା କହୁଛନ୍ତି, ସେମାନେ ନିଜେ ଜାଣି ନାହାଁନ୍ତି ଯେ ସେମାନେ କ'ଣ କହୁଛନ୍ତି। ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ୧୦ ବର୍ଷ ପାଇଁ ଏମଏମଏସ ସରକାର ସେମାନଙ୍କର ଥିଲା, ରାହୁଲ ଜୀଙ୍କ ବୟାନ ତାଙ୍କ ଦଳକୁ ଆହୁରି ତଳକୁ ନେଇଯାଉଛି।'

# ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକ ସଂଘର ବୈଠକ



ବେତନଟୀ,୩୧/୮(ନି.ପ୍ର) : ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ଏକଠି-୮୯ କାର୍ଯ୍ୟାଳୟ ପରିସରରେ ରବିବାର ଆୟୋଜିତ ହୋଇଯାଇଛି । ଅବସରପ୍ରାପ୍ତ ସୈନିକସଂଘର ବେତନଟୀ ବ୍ଲକ ସଭାପତି ଦୈତାରୀ ଚରଣ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ନରହରି ବିଶ୍ୱାଳଙ୍କ ସମେତ ବେତନଟୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅବସରପ୍ରାପ୍ତ ପ୍ରତିରକ୍ଷା ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକସଂଘକୁ ଅଧ ?କ ସୁସଂଗଠିତ, ସୁବ୍ୟବସ୍ଥିତ ତଥା କ୍ରୀୟାଶୀଳ କରିବା ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। । ଭାରତୀୟ ପ୍ରତିରକ୍ଷା ବିଭାଗରେ ଦୀର୍ଘବର୍ଷର ଚାକିରିରୁ ଅବସର ଗ୍ରହଣ କରୁଥିବା ଅଧିକାରୀ ଏବଂ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ସଂଘର ଆଭିମୁଖ୍ୟ, କାର୍ଯ୍ୟଧାରା ଏବଂ ଗୁରୁତ୍ୱପୂର୍ଣ ଭୂମିକାକୁ ନେଇ ସମୀକ୍ଷା କରାଯାଇଥିଲା ଭାରତୀୟ ପ୍ରତିରକ୍ଷା ବିଭାଗର ପଦାତିକ, ବାୟୁସେନା ଏବଂ ନେଭିରେ ଦୀର୍ଘବର୍ଷର ଚାକିରୀ ପରେ ଅବସର ଗ୍ରହଣ କରିଥିବା ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଯୋଗଦେଇ ଆଜିର ଏହି ବୈଠକରେ ଉପସ୍ଥାପନ କରିଥିବା ବହୁ ଗଠନମୂଳକ ତଥା ଗୁରୁତ୍ୱପୂର୍ଣ୍ଣ ମତାମତ ଉପରେ ମଧ ଆଲୋଚନା ପୂର୍ବକ ତର୍ଜମା କରାଯାଇଥିଲା । ଭାରତୀୟ ପ୍ରତିରକ୍ଷା ବିଭାଗର ସ୍ଥଳସେନା, ବାୟୁସେନା ଏବଂ ଜଳସେନାରେ କାର୍ଯ୍ୟକରି ଦେଶମାତୃକାର ସେବାରେ ଜୀବନକୁ ଉତ୍ସର୍ଗ କରି ସହୀଦ ହୋଇଥିବା ତଥା ଅବସରପରେ ଇହଧାମ ତ୍ୟାଗ କରିଥିବା ଦିବଂଗତଙ୍କ ସ୍ମୃତି ଉଦେଶ୍ୟରେ ବେତନଟୀ ଠାରେ କିଭଳି ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇ ପାରିବ ସେନେଇ ଅବସରପ୍ରାପ୍ତ ସୈନିକସଂଘ ପକ୍ଷରୁ ବେତନଟୀ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବାନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା । ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକସଂଘର ଚେୟାରମ୍ୟାନ ଜନାର୍ଦ୍ଦନ ମହାନ୍ତ ଥିବାବେଳେ ବାରିପଦା ଠାରେ ଚାଲିଥିବା ଭାରତୀୟ ବାୟୁସେନାର ନିଯୁକ୍ତି ରାଲିରେ ଯୋଗ ଦେଇଥିବାରୁ ଆଜିର ଏହି ବୈଠକରେ ସେ ଅନୁପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ କୁମାର ମିଶ୍ର, ରାଜାରାମ ସିଂ, ଅକ୍ଷୟ କୁମାର ରାୟ, ଫକଲ ହାଁସଦା, ବିକାଶ ଦଳେଇ, ସୁଶୀଲ କୁମାର ମହାନ୍ତ, ପ୍ରତାପ ପାତ୍ର, ପ୍ରଦୀପ କୁମାର ଭୂୟାଁ, ଗଗନ କୁମାର ମିଶ୍ର, ଗୋପୀନାଥ କରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟଗଣ ବୈଠକରେ ଉପସ୍ଥିତ ଥିଲେ ।

# ଜମ୍ମୁ-କଶ୍ମୀରର ପୁଂଛରେ ୨ ଆତଙ୍କବାଦୀ ଗିରଫ: ଅସ୍ତ୍ରଶସ୍ତ୍ର ଜବତ

ନୂଆଦିଲ୍ଲୀ,୩୧/୮ : ଜମ୍ମୁ ଏବଂ କଶ୍ମୀରର ସୀମାନ୍ତ ଜିଲ୍ଲା ପୁଞ୍ଚରେ ପୋଲିସ ରବିବାର ଦିନ ଦୁଇ ଜଣ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ସହିତ ଗିରଫ କରିଛନ୍ତି। ଗିରଫ ଆତଙ୍କବାଦୀ ଆଜମାବାଦର ତାରିକ୍ ଶେଖ ଓ ଚେମ୍ବର ଗାଁର ରିୟାଜ୍ ଅହମଦ୍ ବୋଲି ଜଣାପଡିଛି।
ପୋଲିସ କହିଛି ଯେ, ଶେଖଙ୍କ ଘରେ ରେଡ୍ କରି ତାଙ୍କୁ ଓ ତାଙ୍କ ସହଯୋଗୀ ଅହମଦ୍ କୁ ଗିରଫ କରାଯାଇଛି। ପଚାରାଉଚାରା ପରେ ପୋଲିସ ଟିମ୍ ଶେଖଙ୍କ ଜାଲିଆଁ ଗାଁରେ ଥିବା ଭଡା ଘରେ ମଧ ରେଡ୍ କରିଛି ଏବଂ ସେଠାରୁ ଦୁଇଟି ଆସଲ୍ଟ ରାଇଫଲ୍ ଓ କିଛି ଗୁଳି ଜବତ କରାଯାଇଛି।

# ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ସ୍ୱର୍ଗତ ମାୟାଧର ପାଢୀଙ୍କ ଦଶମ ଶ୍ରାଦ୍ଧ ବାର୍ଷିକ ଉତ୍ସବ



ବାସୁଦେବପୁର , ୩୧/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲପୁର ଗ୍ରାମରେ ମାୟାଧର ଗଭା ମଣି ଭବନ ପରିସରରେ ଏକ ମଧୁର ପରିବେଶ ମଧ୍ୟରେ ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ସ୍ୱର୍ଗତ ମାୟାଧର ପାଢୀଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ କବି ମାନସ ରଞ୍ଜନ ମହାପାତ୍ର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଶିଶୁ ସାହିତ୍ୟିକ ହର ମୋହନ କୁଅଁର। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଗୟାଧର ମହାପାତ୍ର, ବିଶିଷ୍ଟ କବି ଶୈଳବାଳା ମହାପାତ୍ର, ରୋଟାରିଆନ ଅଭିଜିତ ନାୟକ, ଅନିମା ନାୟକ, ଗଭାମଣି ପାଢୀ, ଇନ୍ଦ୍ରମଣି ପାଢ଼ୀ, ଅଭିରାମ ପାଢ଼ୀ, ଗଦାଧର ପଣ୍ଡା। ସମସ୍ତ ଅତିଥି ମାୟାଧର ପାଢ଼ୀଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ତାତ୍ତ୍ୱିକ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଅକ୍ଷୟ କୁମାର ପାଢ଼ୀ,ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନିତ୍ୟାନନ୍ଦ କର, କବି ମାନସ ରଞ୍ଜନ ମହାପାତ୍ର, କବି ଶୈଳବାଳା ମହାପାତ୍ର, ମହେନ୍ଦ୍ର ପ୍ରସାଦ ପଣ୍ଡା, କବି ହର ମୋହନ କୁଅଁର, ପ୍ରାବନ୍ଧିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଚିତ୍ତ ରଞ୍ଜନ ପଣ୍ଡା, ବେଣୁଧର ପରିଡ଼ା, ଦିଗମ୍ବର ଦଳାଇ ଓ ସୁଶ୍ରୀ ଚିନ୍ମୟୀ ଦଳାଇ ପ୍ରମୁଖଙ୍କୁ ମାନପତ୍ର, ଉପଢୌକନ, ଫୁଲତୋଡ଼ା ଓ ବିଭିନ୍ନ ଧର୍ମ ପୁସ୍ତକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷାବିତ୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଇ ବିସ୍ମୟ, ତତ୍ତ୍ୱଦର୍ଶୀ, ଅଙ୍କିତ, ଜ୍ୟୋତି ପ୍ରଜ୍ଞା, ରୁଦ୍ର ନାରାୟଣ, ଚିନ୍ମୟୀ, ଓମ୍ ପ୍ରକାଶ, କୌସ୍ତୁଭ ପ୍ରମୁଖ ବେଦ ପାଠ କରିଥିଲେ। କୁନି କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ଓ ଜ୍ୟୋତି ପ୍ରଜ୍ଞା ଗୁନୁମା ଭଜନ ସଙ୍ଗୀତ ପରିବେଷଣ କରିଥିଲେ। କନିଷ୍ଠ ପୁତ୍ର ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ ପିଣ୍ଡ ଦାନ କରିଥିଲେ। ମାୟାଧର ପାଢୀଙ୍କ ଧର୍ମପତ୍ନୀ ଗଭାମଣି ପାଢ଼ୀ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରୀମଦ୍ ଭଗବତ ଗୀତା ପାରାୟଣ, ବିଷ୍ଣୁ ସହସ୍ର ନାମ ପାଠ କରାଯିବା ସହିତ ବିଭିନ୍ନ ବ୍ୟକ୍ତି ମାନେ ସ୍ମୃତି ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ପ୍ରାଧ୍ୟାପକ ବୀରେନ୍ଦ୍ର ମହାପାତ୍ର ମାନପତ୍ର ପାଠ କରିଥିଲେ। ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କବି ଓ ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ, କବି ସରୋଜିନୀ ମହାପାତ୍ର,କବି ବିକାଶ କୁମାର ଶତପଥୀ, ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ହୃଷୀକେଶ ପାଢୀ, କବି ଭାଗିରଥୀ ମହନି,ମହେଶ୍ୱର ପାଣିଗ୍ରାହୀ,କମଳାକାନ୍ତ ବେହେରା, ଗଜେନ୍ଦ୍ର ପାତ୍ର, ସଞ୍ଜୀବ ପାଣିଗ୍ରାହୀ, ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ମାୟାଧର ପାଢୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ନୀଳଗିରି ଏନଏସିରେ ସ୍ୱାୟତ୍ତଶାସନ ଦିବସ ଧୁମଧାମରେ ପାଳିତ

ନୀଳଗିରି, ୩୧/୮ (ନି.ପ୍ର): ନୀଳଗିରି ଏନଏସି ପକ୍ଷରୁ ସ୍ଥାନୀୟ କଲ୍ୟାଣମଣ୍ଡପ ଠାରେ ୪୧ତମ ସ୍ୱାୟତ୍ତଶାସନ ଦିବସ ବେଶ ଧୂମଧାମରେ ପାଳିତ ହୋଇଯାଇଛି। ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ରନାଥ ବେହେରା,ସମସ୍ତ କାଉନସିଲର ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ସକାଳେ ଏନ୍‌ଏସିର ପ୍ରଥମ ଅଧକ୍ଷ ସ୍ୱର୍ଗତ କ୍ଷୀତିଶ ଚନ୍ଦ୍ର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କେ.ସି ହାଇସ୍କୁଲ ହଷ୍ଟେଲ ପରିସରରେ ପଣ୍ଡିତ ଗୋବାବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଭାରାପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ।ପରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।ଉକ୍ତ ଦିବସ ପାଳନ ଅବସରରେ ୧୧ ନମ୍ବରୱାର୍ଡ ସ୍ଥିତ କଲ୍ୟାଣମଣ୍ଡପରେ ଏକ ଭବ୍ୟ ସଭାର ଅୟୋଜନ କରାଯାଇଥିଲା। ଅନୁଷ୍ଠିତ ସଭାରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ସମ୍ପର୍କରେ, ଉପସ୍ଥିତ ସ୍ୱଂୟସହାୟକ ଗୋଷ୍ଠୀ,ଛାତ୍ର/ ଛାତ୍ରୀ, ସମସ୍ତ କାଉନସିଲର , ବୁଦ୍ଧିଜୀବୀ ତଥା ସଚେତନ ନାଗରିକମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରିବାସହ ଏନଏସିର କାର୍ଯ୍ୟଧାରା କଣହେବା ଉଚିତ ସେ ସମ୍ପର୍କରେ ନିଜର ମୁଲ୍ୟବାନ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ,ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ ନୀଳଗିରି ଏନ୍‌ଏସିକୁ ସରସ,ସୁନ୍ଦର କରିବାପାଇଁ ସମସ୍ତେ ସହଯୋଗର ହାତବଢାଇଲେ ଦିନେ ସବୁକ୍ଷେତ୍ରରେ ସଫଳତା ମିଳିପାରିବ ବୋଲି କହିଥିଲେ। ଏନଏସିର କମ୍ୟୁନିଟ ଅଫିସର ଶ୍ରୀମତୀ ମମତାରାଣୀ ପଣ୍ଡା ମଞ୍ଚପରିଚାଳନା କରିଥିଲା ବେଳେ ଉପସ୍ଥିତ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କୃତି ଛାତ୍ର/ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ରଦେଇ ପୁରସ୍କୃତ କରାଯାଇଥିବା ବେଳେ ସମସ୍ତ କାଉନସିଲର ମାନଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ଜଳେଶ୍ୱର ଯୁବମଞ୍ଚ ୧୨୩ଟି ଫକ୍ସଟେଲ ପାମ ଗଛ ଲଗେଇ ଜଳେଶ୍ୱରକୁ ସୌନ୍ଦର୍ଯ୍ୟ କରଣ ପାଇଁ ନିଆରା ପ୍ରୟାସ

ଜଳେଶ୍ୱର, ୩୧/୮ (ନି.ପ୍ର): ପରିବେଶ ସନ୍ତୁଳନ ବିଗିଡିବା ଅଥବା ଜଳବାୟୁ ପରିବର୍ତ୍ତନ ହେବା ମଣିଷ ପାଇଁ ବଡ ସତର୍କ ଘଣ୍ଟି ।ଏହା ଦ୍ୱାରା ମଣିଷ ସବୁଠାରୁ ଅଧିକ ପ୍ରଭାବିତ ହେଉ ଥିବାରୁ ଏଦିଗରେ ସମସ୍ତେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି ବୋଲି ଆଜି ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଜଳେଶ୍ୱର ନୂଆ ବଜାର ଟ୍ରାଫିକ ପୋଷ୍ଟ ଠାରୁ ଏନ୍ ଏଚ ୬୦ ଆମ୍ବଳୀଅଠା ପୋଲ ପର୍ଯ୍ୟନ୍ତ ଜଳେଶ୍ୱର ଯୁବମଞ୍ଚ ୧୨୩ ଟି ଫକ୍ସଟେଲ ପାମ ଗଛ ଲଗେଇ ଜଳେଶ୍ୱରକୁ ସୌନ୍ଦର୍ଯ୍ୟ କରଣ ପାଇଁ ଏକ ନିଆରା ପ୍ରୟାସ ସୃଷ୍ଟି କରିଛନ୍ତି । ଜଳେଶ୍ୱର ପୌରପରିଷଦ ର ଅଧକ୍ଷ ପ୍ରତିପ କୁମାର ପ୍ରଧାନ ମୁଖ୍ୟ ଅତିଥି, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ମୁଖ୍ୟ ବକ୍ତା,ଯୁବମଞ୍ଚର ଉପଦେଷ୍ଟା ତଥା ବରିଷ୍ଠ ଆଇନଜିବି ଚିନ୍ମୟ କୁମାର ଦାସ ସମ୍ମାନିତ ଅତିଥି ତଥା ପୌରପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଯୁବ ମଂଚର ସଭାପତି ବିନୋଦ କୁମାର ସାହୁ, ସମ୍ପାଦକ ସାର୍ଥକ କୁମାର ସାହୁ, କୋଷାଧ୍ୟକ୍ଷ ମୂଳଚାନ୍ଦ ଲଢା,ଗୌରିପଦ କର,ରାଜେଶ ଠକ୍କର,ପ୍ରଶାନ୍ତ ପ୍ରଧାନ, ହେମେନ୍ଦ୍ର ଠକ୍କର, ଗୋପାଳ କୃଷ୍ଣ କଟାଲ,ସୁମିତ ରାଠୀ, ସରୋଜ ପ୍ରଧାନ,ନିଖିଲ ରାଠୋଡ, ନିଲେଶ ଚୌହାନ, ଅରୂପ କର, ରାମନାରାୟଣ ଦାସ, ପ୍ରକାଶ ଠକ୍କର, ସୁବଳ ବାରିକ, ଯଯାତି କେଶରୀ ରାଜ, ଅଭିଷେକ ପରିଡ଼ା, ମିର ଅନିରୁଦ୍ଦିନ, ଆଦିତ୍ୟ ନାରାୟଣ ପାତ୍ର, ତାପସ ରଂଜନ ପାଣିଗ୍ରାହୀ, ରାଜେଶ ଦତ୍ତ, ଗୁରୁଦତ୍ତ ଦାସମହାପାତ୍ର,ଶାନ୍ତି ଭୂଷଣ ପାଣ୍ଡେ,ସନାତନ ଘୋଷ, ମନୋଜ ପ୍ରଧାନ, ବିଶ୍ୱେଶର ପାତ୍ର, ଭୋଲାନାଥ ଜେନା, ଆଭାସ ସାହୁ, କୁମାରେଶ ଦିନ୍ଦା, ସୁଜିତ୍ ଦାସ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ଏହି ଗଛ ଲଗାକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାରାଦୀପ ପୌରପାଳିକା ପକ୍ଷରୁ ମହାସମାରୋହରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ପାରାଦୀପ, ୩୧/୮ (ନି.ପ୍ର): ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ରବିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ପାରାଦ୍ୱୀପ ବିଧାୟକ ତଥା ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦ ଡ଼ଃ.ବିଭୁପ୍ରସାଦ ତରାଇ ଏବଂ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏବଂ ସିଆଇଏସଏଫ କମାଣ୍ଡାଣ୍ଟ ସନତ ପଟେଲ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ବିଶ୍ୱର ଶ୍ରେଷ୍ଠ ବନ୍ଦର ମଧ୍ୟରେ ପାରାଦୀପ ବନ୍ଦର ଅନ୍ୟତମ ଭାବେ ପରିଗଣିତ ହୋଇଛି । ଏହାକୁ ସରସ ସୁନ୍ଦର ସହର ଭାବେ ଗଢି ତୋଳିବାର ପ୍ରତେକ ପାରାଦ୍ୱୀପ ବାସୀଙ୍କର ଦାଇତ୍ୱ ଓ କର୍ତବ୍ୟ ଅଟେ । ପୌରପାଳିକା ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତିବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ପୌରାଞ୍ଚଳର ବିକାଶ କ୍ଷେତ୍ରରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ନିରବଚ୍ଛିନ୍ନ ପ୍ରାୟସକୁ ଉଚ୍ଚ ପ୍ରଶଂସା କରିଥିଲେ । ପୌରପାଳିକା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିବା ସହିତ ବିଭିନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଭିନ୍ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହା ପରେ ସ୍ଥାନୀୟ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପାରାଦ୍ୱୀପ ପୌରପାଳିକା ପକ୍ଷରୁ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସକାଳେ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଭାତ ଫେରୀରେ ଜନ ସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରି ଥିଲା । ପୌର ପ୍ରଶାସନିକ ଭବନ ପରିସରରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଭିନ୍ନ ୱାର୍ଡରେ ନୂତନ ପ୍ରକଳ୍ପ ର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଭିନ୍ନ ୱାର୍ଡରେ ନୂତନ ରାସ୍ତା, ଡ୍ରେନ, ଉଦ୍ୟାନ ଓ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ମଠ, ମନ୍ଦିର ଓ ଆଶ୍ରମର ଉନ୍ନତିକରଣ, ଗୋଷ୍ଠିଗୃହ, ଶୌଚାଳୟ, ଖେଳପଡ଼ିଆ ର ଉନ୍ନତିକରଣ, ମାର୍କେଟ ଅଞ୍ଚଳର ଉନ୍ନତିକରଣ, ପୌର କାର୍ଯ୍ୟାଳୟରେ ଆପ ର ନିରୀକ୍ଷଣ କକ୍ଷ, ଭାଗବତ ଗୃହ, ସମିତି ଗୃହ ଇତ୍ୟାଦି ଉଦଘାଟିତ ହୋଇଥିବା ବେଳେ ରଙ୍ଗିଆଗଡ଼ ସ୍ଥିତ ପରାଶର ଗୋଶାଳା, ରତ୍ନମାଳି ଜେମା ନଗର ଓ ପିପିଏଲ ଛକରେ ବିଦ୍ୟୁତକରଣ ଏବଂ ଦୁଇଟି ଶୌଚାଳୟ,୧୩ ନମ୍ବର ୱାର୍ଡ ହାଉସିଂବୋର୍ଡ କଲୋନୀ ନାଗରିକ କଲ୍ୟାଣ ସମିତି ଗୃହ ଏବଂ ୧୭ ନମ୍ବର ୱାର୍ଡରେ ଗୋଷ୍ଠି ଶୌଚାଳୟ ନିର୍ମାଣର ଶିଳାନ୍ୟାସ କରାଯାଇଥିଲା । ତେବେ ବଡ଼ପଡ଼ିଆ ଥାନା ଛକ ଠାରେ ଗଣମାଧ୍ୟମ ପ୍ରତିନିଧି ଙ୍କ ପାଇଁ ପ୍ରେସ ଗ୍ୟାଲେରୀ କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର ପରିଷଦ, ପୌରପାଳିକା କର୍ମଚାରି ଓ ଜନସାଧାରଣ ବହୁସଂଖ୍ୟରେ ଯୋଗ ଦେଇଥିଲେ ।

# ଜଳେଶ୍ୱର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଜଳେଶ୍ୱର , ୩୧/୮ (ନି.ପ୍ର): ପ୍ରତି ବର୍ଷ ପରେ ଏ ବର୍ଷ ମଧ ଜଳେଶ୍ୱର ପୌରପାଳିକା ପକ୍ଷରୁ ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ପାଳିତ କରାଯାଇ ଅଛି ପ୍ରଥମେ ସକାଳ ୮ ଘଟିକା ସମୟରେ ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ପରେ ଜଳେଶ୍ୱର ସହର ମଧ୍ୟରେ ଅବସ୍ଥିତ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମା ଲ୍ୟ।ପର୍ଣ୍ଣ ସମେତ ପୌରପାଳିକାର ଅଧକ୍ଷ, ଉପାଧକ୍ଷା , ପାରିଷଦ ବୃନ୍ଦ ଓ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଜଳେଶ୍ୱର ହସ୍ପିଟାଲ ,ଭିନ୍ନକ୍ଷମ ସ୍କୁଲ ଓ ଗାନ୍ଧୀ ସେବା ଆଶ୍ରମରେ ପିଲାମାନଙ୍କ ମିଷ୍ଠାନ ଓ ଫଳ ବଣ୍ଟନ ସହିତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ଅପରାହ୍ନ ୪ ଘଟିକା ସମୟରେ ପୌରପାଳିକାପକ୍ଷରୁ ସଭା ଆୟୋଜନ କରାଯାଇ ଥିଲା ଏଥିରେ ମଞ୍ଚ ପରିଚାଳନା କରୁଥିଲେ ପୌରପାଳିକାର ଅଧକ୍ଷ ପ୍ରତୀପ କୁମାର ପ୍ରଧାନ ଜଳେଶ୍ୱର ପୌରପାଳିକାର ବିବରଣୀ ପାଠ କରିଥଲେ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ହେମନ୍ତ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ବିଧାୟକ, ସାଂସଦ ଅଧକ୍ଷ ଆମ ଓଡ଼ିଶା ସମ୍ୟରଞ୍ଜନ ପଟ୍ଟନାୟକ, ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ମାନସ ଜେନା, ସମ୍ମାନୀତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଓ ବିଧାୟକଜଳେଶ୍ୱର ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଜଳେଶ୍ୱର ଦେବୀ ପ୍ରସନ୍ନ ଚାନ୍ଦ ଉପସ୍ଥିତ ରହିଥିଲେ ଜଳେଶ୍ୱର ବିକାଶ ପାଇଁ ସର୍ବ ସମ୍ମତି କ୍ରମେ ପ୍ରଥମେ ପ୍ରାଧାନ୍ୟ ଦେଇ କାର୍ଯକ୍ରମ ଜାରି ରହିବ ବୋଲି ପ୍ରକାଶ କରିଥିଲେ

# ଜନ୍ମଦିନରେ ଅସହାୟକୁ ସାହାଯ୍ୟର ହାତ ବଢାଇଲେ ଯୁବକ: ଦୋକାନ କରାଇଦେଇ ସ୍ୱାବଲମ୍ବୀ ହେବାକୁ ଦେଲେ ପ୍ରେରଣା



ନୀଳଗିରି , ୩୧/୮ (ନି.ପ୍ର): ଭିନ୍ନ ଢଙ୍ଗରେ ନିଜର ଜନ୍ମଦିନ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଲେ ଯୁବକ।ଏପରି ଏକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ବାଉଁଶବଣିଆ ଗାଁରେ। ଗାଁର ଭୋଳାନାଥ ବାରିକଙ୍କର ଦୀର୍ଘବର୍ଷଧରି ବାମଗୋଡ ଅକାମୀ ଥିବାରୁ ତାଙ୍କୁ ଭାରିକାମ କରିବାପାଇଁ ଡ଼ାକ୍ତର ବାରଣ କରିଥିଲେ। ତେଣୁ ଭୋଳାନାଥ ସେହିଦିନଠାରୁ ଘରେ ଅକାମୀ ହୋଇ ବସିରହିଥିଲେ। ଉକ୍ତ ଗ୍ରାମର ଯୁବକ ରଞ୍ଜିତ ପଣ୍ଡିତ ତାଙ୍କର ଅସୁବିଧା ଜାଣି ଆଜି ତାଙ୍କର ଜନ୍ମଦିନ ଅବସରରେ ସେ ଭୋଳାନାଥ ପାଇଁ ସହାୟତାର ହାତ ବଢାଇ ତାଙ୍କପାଇଁ ଏକ ଦୋକାନ କରିଦେଇଛନ୍ତି। ଫଳରେ ଦୀର୍ଘଦିନଧରି ଅକାମୀହୋଇ ଘରେ ରହିଥିବା ଭୋଳାନଥ ଆଜିଠାରୁ ଉକ୍ତ ଦୋକାନରେ ବିଭିନ୍ନ ସାମଗ୍ରୀ ବିକ୍ରିକରି ନିଜ ଭୋରଣପୋଷଣ ନିଜେ କରିପାରିବେ ବୋଲି ଭୋଳାନାଥ ଖୁସିବ୍ୟକ୍ତ କରିବା ସହିତ ରଞ୍ଜିତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଆଜିକାଲି ଅନେକଲୋକ ନିଜ ଜନ୍ମଦିନକୁ ଧୁମଧାମରେ ବଡବଡ ହୋଟେଲ ,ରେଷ୍ଟୁରାଣ୍ଟରେ ସାଙ୍ଗସାଥୀ ଙ୍କ ସହିତ ପାଳନ କରୁଥିବାବେଳେ ରଞ୍ଜିତଙ୍କର ଏପରି ପ୍ରୟାସକୁ ଅନେକଲୋକ ପସନ୍ଦ କରିଛନ୍ତି ।

# ଆଦର୍ଶ ଗୁରୁଙ୍କ ତୁଳନା ନାହିଁ : ଦେଭୋଗ ଏସ୍ ସି ହାଇ ସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ସଭା




ବାଲିଆପାଳ, ୩୧/୮ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ସ୍ଥିତ ଶ୍ରୀହରି ଚରଣ ଉଚ୍ଚ ବିଦ୍ୟାଳୟରେ ରବିବାର ପ୍ରଧାନ ଶିକ୍ଷକ ପ୍ରସୂନ କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଭାବ ବିହ୍ୱଳ ପରିବେଶରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି, ଓଷ୍ଟା ଜିଲା ସଂପାଦକ ବିଜୟ କୁମାର ପାତ୍ର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାସ,ବ୍ଲକ ସଭାପତି ନିରଞ୍ଜନ ପ୍ରଧାନ,ବିନୋଦ କୁମାର ଜେନା, ମୃତ୍ୟୁଞ୍ଜୟ ନାୟକ, ଡମ୍ବରୁଧର ମାଣିକ, ଧନଞ୍ଜୟ ଗିରି, ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ଗିରି, କରୁଣାକର ନାୟକ, ବିଶ୍ୱେଶର ରଣା ପ୍ରମୁଖ ଯୋଗ ଦେଇ ଆଦର୍ଶ ଶିକ୍ଷକ ପ୍ରସୂନ କୁମାର ମହାନ୍ତିଙ୍କ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ । ପୂର୍ବତନ ଛାତ୍ର ନିତାଇ ଚରଣ ରାଉଳ, ସୁମନ୍ତ କୁମାର ମହାନ୍ତି, ଶିଶିର କୁମାର ରଣା, ସୁଜିତ କୁମାର ସି,ଧର୍ମପଦ ମହାପାତ୍ର, ନବ କୁମାର ଜେନା, ରାଧାକୃଷ୍ଣ ଦାସ ମହାପାତ୍ର,ବିନୋଦ କୁମାର ଜେନା, ପବିତ୍ର ସିଂ, ସଙ୍ଗୀତା ଦାସ, କଳ୍ପନା ନାୟକ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅବିଭାବକ, ସ୍କୁଲ ପରି ଚାଳନା ସମିତି, ଗ୍ରାମବାସୀ, ପୁରାତନ ଛାତ୍ର ସଂସଦ, ଓଷ୍ଟା ଶିକ୍ଷକ ସଂଘ ତଥା ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପଢୌକନ, ଉତ୍ତରୀୟ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତିଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲର ଶିକ୍ଷକ ନାରାୟଣ ପାତ୍ର, ହେମନ୍ତ କୁମାର ପ୍ରଧାନ, ପ୍ରଭାତ କୁମାର ନନ୍ଦୀ, ବସନ୍ତ କୁମାର ପ୍ରଧାନ, ପ୍ରଣବ କୁମାର କାମିଳା , ଶ୍ୱେତାସ୍ମିତା ପ୍ରଧାନ, କ୍ରିତୀକା, କୃତିବାସ ପାଠୀ ଧୀରେନ୍ଦ୍ର କୁମାର ପାତ୍ର, ତାପସ କୁମାର ଜେନା, ସ୍ନେହଲତା ସାହୁ, ଅମୂଲ୍ୟ ନାୟକ, ଶ୍ରୀକାନ୍ତ ପ୍ରଧାନ, ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଶିକ୍ଷକ ଗୌରୀ ଶଙ୍କର ଦାସ ଅତିଥି ପରିଚୟ ଓ ପୂର୍ବତନ ଛାତ୍ର ନିତାଇ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପବିତ୍ର ରିସ୍ତାର ଅଭିନେତ୍ରୀ ପ୍ରିୟା ମରାଠେଙ୍କ ପରଲୋକ

ନୂଆଦିଲ୍ଲୀ,୩୧/୮ : ମନୋରଞ୍ଜନ ଜଗତରୁ ଏକ ଦୁଃଖଦ ଖବର ଆଗକୁ ଆସିଛି। ଛୋଟ ପର୍ଦ୍ଦାର ଜଣାଶୁଣା ଏବଂ ପ୍ରତିଭାଶାଳୀ ଅଭିନେତ୍ରୀ ପ୍ରିୟା ମରାଠେ ଏବେ ଆମ ମଝିରେ ରହିଲେ ନାହିଁ। ୩୧ ଅଗଷ୍ଟ ୨୦୨୫ରେ ୩୮ ବର୍ଷ ବୟସରେ ସେ ମୁମ୍ବାଇର ମୀରା ରୋଡ଼ ସ୍ଥିତ ନିଜ ଘରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ପ୍ରିୟା ମରାଠେ ଲମ୍ବା ସମୟ ହେଲା କ୍ୟାନ୍ସର ପରି ଗମ୍ଭୀର ରୋଗରେ ପଡ଼ିଥିଲେ। ଗତ କିଛି ମାସ ହେଲା ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଥିଲା। ନିକଟରେ ତାଙ୍କୁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ମଧ୍ୟ କରାଯାଇଥିଲା। ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଂଚାଯାଇ ପାରିନଥିଲା ଏବଂ ଶେଷରେ ସେ ଦୁନିଆକୁ ଛାଡ଼ି ଯାଇଥିଲେ।

# ବାଗ୍ମୀ ପ୍ରଫୁଲ ପଣ୍ଡାଙ୍କ ପଞ୍ଚମ ବାର୍ଷିକ ସ୍ମୃତି ଉତ୍ସବ ପାଳିତ



ଭଦ୍ରକ , ୩୧/୮ (ନି.ପ୍ର): ଭଦ୍ରକ ଜିଲ୍ଲା ଗଞ୍ଜାମାଳ ଗ୍ରାମ ଠାରେ ବିଶିଷ୍ଟ ସାରସ୍ୱତ ସାଧକ, ନାଟ୍ୟ ଗଭେଷକ, ସମୀକ୍ଷକ ସ୍ୱର୍ଗତ ପ୍ରଫୁଲ ପଣ୍ଡାଙ୍କ ସ୍ମୃତି ଉତ୍ସବ ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବି, ସାହିତ୍ୟିକ, ସମାଜସେବୀ ମାନଙ୍କ ଗହଣରେ ମହା ସମାରୋହରେ ପାଳିତ ହୋଇ ଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଇଧର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ କୃଷିକବି ଅରୁଣ ପାତ୍ର, ମୁଖ୍ୟ ବ୍ୱକ୍ତା ଭାବରେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ - ସଂସ୍କୃତ ବିଦ୍ୱାନ ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ ସାମଲ, ଡା. ସଞ୍ଜୟ ଦାସ, ଧାମନଗର ବ୍ଲକ ଅଧକ୍ଷ ପ୍ରତିନିଧି ଅଶୋକ ନାୟକ, ଭଦ୍ରକ ବ୍ଲକ ଉପାଧକ୍ଷ ମୁକୁନ୍ଦ ଦେବ ସାମଲ, ପ୍ରଫେସର ଅଟଳ ବିହାରି ନାୟକ, ସଂଗୀତକାର ସୁବାସ ମଲ୍ଲିକ, ଲକ୍ଷ୍ମୀକାନ୍ତ ରାଉତ, ନାଟ୍ୟକାର ନିର୍ମଳ ରାଉତ, କବି ଆରୁପାନନ୍ଦ, ଏନ୍.କେ. ଦେବଶର୍ମା, ସରପଞ୍ଚ ପଦ୍ମାବତୀ ପୃଷ୍ଟି, ସମିତିସଭ୍ୟ ବଟକୃଷ୍ଣ ଜେନା, ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ପ୍ରମୁଖ ଯୋଗଦେଇ ପ୍ରଫୁଲ ପଣ୍ଡା ଜଣେ ବିସ୍ମୟ ସାରସ୍ୱତ ପ୍ରତିଭା ଥିଲେ ବୋଲି ମତ ପୋଷଣ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଗୀତ ପରିବେଷଣ କରିଥିବା ବେଳେ କଳାକାର କାଳନ୍ଦୀ ମଲ୍ଲିକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ବିଶିଷ୍ଟ କବି ସାରଥି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଅରୁଣ ବାରିକ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ନରେନ୍ଦ୍ର ସାମଲ, ବିଶିଷ୍ଟ ସଙ୍ଗୀତ ଶିଳ୍ପୀ କୁମାର୍ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତକାର ରାମନାରାୟଣ ପଣ୍ଡାଙ୍କ ସଂଯୋଜନାରେ ସନ୍ତୋଷୀ, ଯାଜ୍ଞସେନି ଓ ପ୍ରୀୟାଂଶି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ମନୋଜ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ତାପସ ପଣ୍ଡା, ମାନସ ପଣ୍ଡା, ଉତ୍କଳମଣି ପଣ୍ଡା, ଲଲାଟେନ୍ଦୁ ପଣ୍ଡା, ସ୍ୱାଗତିକା ପଣ୍ଡା, ମହାପ୍ରସାଦ ପଣ୍ଡା, ଅମୂଲ୍ୟ ନାଥ, ଉମାକାନ୍ତ ପୁଣ୍ଟିଆ।

# ଭାଲୁ ଆକ୍ରମଣରେ ଛେଳିଚରାଳି ଗୁରୁତର



ନୀଳଗିରି , ୩୧/୮ (ନି.ପ୍ର): ଜଙ୍ଗଲରେ ଛେଳିଚରାଇବା ସମୟରେ ଭାଲୁ ଆକ୍ରମଣରେ ଯୁବକ ଗୁରୁତର ହୋଇ ନୀଳଗିରି ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସୂଚନାରୁ ଜଣାଯାଇଛି ନୀଳଗିରି ବ୍ଲକ୍ ମାଟିଆଳି ପଞ୍ଚାୟତ ନଟାପଡ଼ା ଗାଁର ଯୁବକ ବସନ୍ତ ସିଂ ଆଜି ସ୍ଥାନୀୟ ଜଙ୍ଗଲକୁ ଛେଳି ଚାରାଇବାକୁ ଯାଇଥିଲେ । ଦିନ ପ୍ରାୟ ୧୧ସମୟରେ ହଠାତ୍ ଏକ ଭାଲୁ ଜଙ୍ଗଲରୁ ବାହାରି ବସନ୍ତଙ୍କୁ ଆକ୍ରମଣ କରିଥିଲା ।ବସନ୍ତ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଲୋକମାନଙ୍କ ପାଟିଶୁଣି ଭାଲୁଟି ବସନ୍ତଙ୍କୁ ଛାଡ଼ି ଜଙ୍ଗଲକୁ ପଳେଇ ଯାଇଥିଲା। ଭାଲୁ ଆକ୍ରମଣରେ ବସନ୍ତର ମୁଣ୍ଡ, ପେଟ, ମୁହଁ, ଗୋଡ଼ ଓ ହାତରେ ଗଭୀର ଆଘାତ ହୋଇଥିଲା। ସ୍ଥାନୀୟ ଲୋକେ ବସନ୍ତଙ୍କୁ ଉଦ୍ଧାରକରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏଭଳି ଭାଲୁର ଆକ୍ରମଣ ଦେଖି ସ୍ଥାନୀୟ ଲୋକମାନେ ଭୟଭୀତ ଅଛନ୍ତି।

# ବୈଶିଙ୍ଗା ବ୍ଲକ ଗଠନ ପାଇଁ ଅଞ୍ଚଳବାସୀ ଅଣ୍ଟା ଭିଡ଼ିଲେ




ବୈଶିଙ୍ଗା , ୩୧/୮ (ନି.ପ୍ର): ସ୍ୱାଧୀନତାର ୭୮ ବର୍ଷ ପରେ ବୈଶିଙ୍ଗା ରେ ବ୍ଲକ ଗଠନ ପାଇଁ ଅଞ୍ଚଳବାସୀ ଅଣ୍ଟା ଭିଡି ଥିବାରୁ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପାରନ୍ତି ବୋଲି ଆଶାବାଦୀ ଅଛନ୍ତି । ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଆଜି ଆର ଏମ ସି ଗେଷ୍ଟ ହାଉସ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ସତ୍ୟପ୍ରକାଶ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକ ରେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।ବ୍ଲକ ଗଠନ ପାଇଁ ଦଳ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରାଙ୍କୁ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ଶୁଭ୍ରାନ୍ତ ତିଆଡି ମତ ଦେଇଥିଲେ । ଆଞ୍ଚଳିକ ବିକାଶ ପରିଷଦ କୁ ସହଯୋଗ କରିବା ପାଇଁ ଶିବାଜୀ ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ରହି ବ୍ଲକ ଦାବୀକୁ ସମର୍ଥନ କରିଥିଲେ । ବିଳମ୍ବରେ ହେଲେ ମଧ ବିଧାୟକ ପହଞ୍ଚି ତାଙ୍କର ସମର୍ଥନକୁ ଦୋହରାଇ ଥିଲେ ।

# ଧର୍ମପ୍ରାଣା ମହିଳାଙ୍କ ପରୋଲୋକ

ଜମ୍ବେଶ୍ୱରପୁର, ୩୧/୮ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ସ୍ୱୟଂଭୁ ଶ୍ରୀ ଜମ୍ବେଶ୍ୱରନାଥଙ୍କ ପୂଜକ ପିତବାସ ଆଚାର୍ଯ୍ୟଙ୍କ ମାତୃବିୟୋଗ । ମାତା ସ୍ୱର୍ଗତା ଦେବୀ ଜଣେ ମିଷ୍ଟଭାଷୀ , ପରଉପକରୀ ମହିଳା ଥିଲେ। ୮୬ ବର୍ଷ ବୟସରେ ତିରୋଧାନ କରିଛନ୍ତି । ବିୟୋଗରେ ଆଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି । କଛିଦିନଧରି ରୋଗରେ ପୀଡିତ ହୋଇ ଚିକିତ୍ସା ହେଉଥିଲେ। ମୃତ୍ୟୁ ବେଳକୁ ଦୁଇ ପୁତ୍ର ,ବହୁ,ନାତି, ନାତୁଣୀ ପାଖରେ ଥିଲେ। ସାନପୁଅ ଶ୍ରୀନିବାସ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ । ଖବର ପାଇ ଅଞ୍ଚଳର ବୁହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ମାନବାଧିକାର କର୍ମୀ ସୁଧାରକର ସେଠୀ, ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର, ସାମାଜିକ କର୍ମୀ ଜଳଧର ସାମଲ, ଅବସର ପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ବାରିକ, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ସତ୍ୟନାରାୟଣ ଆଚାର୍ଯ୍ୟ, ଗୋପିନାଥ ଦାସ , ନବକୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଧର୍ମପ୍ରାଣା ପରୋପକାରୀ ମହିଳାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି।

# ବାଇକ ରାଇଡରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୩୧/୮ (ନି.ପ୍ର): ବାଇକ ରାଇଡରଙ୍କ ସନ୍ଦେହଜନକ ମୃତ୍ୟୁ । ବାଇକ ରାଇଡିଂ କୁ ନିଜ ନିଶା ବନାଇଥିବା ସନ୍ଦୀପ କୁମାର ଦାସଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ । ପୁନାମା ଗେଟ ନିକଟ ରେଲୱେ କ୍ରସିଂ ଉପରୁ ମିଳିଛି ସନ୍ଦୀପଙ୍କ କ୍ଷତବିକ୍ଷତ ମୃତଦେହ । ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚିଛି । ପୋଲିସ ଆତ୍ମହତ୍ୟା ନେଇ ସନ୍ଦେହ କରୁଥିବା ବେଳେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସେପଟେ ଇନଷ୍ଟାଗ୍ରାମରେ ଭିଡିଓ ବନାଇ ଲୋକଙ୍କ ମନୋରଞ୍ଜନ କରୁଥିବା ସନ୍ଦୀପଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନ । ପାରିବାରିକ ଝଗଡା ନା ଆର୍ଥିକ ସମସ୍ୟା କିମ୍ବା ପ୍ରେମରେ ଧୋକା ? ଏସବୁକୁ ନେଇ ଚାଲିଛି ଖୋଳତାଡ଼ । ସନ୍ଦୀପ କରିଥିବା ଶେଷ କଲ୍‌କୁ ମଧ ଯାଞ୍ଚ କରୁଛି ପୋଲିସ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida